ପର୍ଯ୍ୟବେକ୍ଷକ
PARYABEKHYAK











## ଟି ଟାଇମ୍

# ପୁରାଣ କାହାଣୀ

## ଅଂହକାରରୂପୀ ସାପ

ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୂରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବନ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।



## ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି

ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଉ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଉ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଉ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଉ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଉ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଉ କରିଥିଲେ।

## ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁତ୍ଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

## ପ୍ଲାଷ୍ଟିକ୍ ବେବି

ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

## ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

## ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଋହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ ଉପଲବ୍ଧ କରେଇଥାଏ ।

## ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।



## ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହା ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ 'ଲଭ କମ୍ୟୁନିଟଉ' କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲା ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।




# କାଂଚୀ କାମାକ୍ଷୀ ଶକ୍ତିପୀଠ, ତାମିଲନାଡୁ

କାଂଚିପୁରମ୍ ର ହୃଦୟସ୍ଥଳ ହେଉଛି କାଂଚି କାମାକ୍ଷୀ ମନ୍ଦିର। ବସ୍ତୁତଃ ସଂପୂର୍ଣ୍ଣ କାଂଚିପୁରମ୍ ନଗରୀ କାମାକ୍ଷୀ ମନ୍ଦିରର ଚାରି ପାଖରେ ଘେରି ରହିଛି। ଭଗବାନ ଶିବ ଓ ଭଗବାନ ବିଷ୍ଣୁଙ୍କ ଭଳି ଅନେକ ଦେବୀ ଦେବତା ମଧ୍ୟ କାଂଚି କାମାକ୍ଷୀ ମନ୍ଦିରକୁ ଘେରି ରହିଛନ୍ତି। କାଂଚି କାମାକ୍ଷୀ ମନ୍ଦିରକୁ ଆନନ୍ଦରେ କାମାକ୍ଷୀ ଅମ୍ମା ମନ୍ଦିର ବୋଲି ମଧ୍ୟ କୁହାଯାଏ। କାଂଚି କାମାକ୍ଷୀ ମନ୍ଦିରର ଗୋଟିଏ ପାର୍ଶ୍ୱରେ ଶିବ କାଂଚି ଅର୍ଥାତ୍ ବଡ଼ କାଂଚି ଅବସ୍ଥିତ। ଏଠାରେ କେତେକ ବିଷ୍ଣୁ ମନ୍ଦିର ସହିତ ଅନେକ ଶିବ ମନ୍ଦିର ସ୍ଥାପିତ ହୋଇଛି। କାଂଚି କାମାକ୍ଷୀ ମନ୍ଦିରର ଅନ୍ୟ ପାର୍ଶ୍ୱରେ ବିଷ୍ଣୁ କାଂଚି ଅର୍ଥାତ୍ ଛୋଟ କାଂଚି ଅବସ୍ଥିତ। ସେଠାରେ ମଧ୍ୟ କେତୋଟି ବିଶାଳ ବିଷ୍ଣୁ ମନ୍ଦିର ତଥା କେତୋଟି ଶିବ ମନ୍ଦିର ମଧ୍ୟ ରହିଛି।

ଏଠାରେ କାମାକ୍ଷୀ ମନ୍ଦିରର ଅସ୍ତିତ୍ୱ ଅନନ୍ତ କାଳରୁ ଅବସ୍ଥିତ ଥିବା କୁହାଯାଏ। ରେକର୍ଡ଼ ଅନୁଯାୟୀ ମନ୍ଦିରର ଶ୍ରୀ ଚକ୍ର କୁ ଆଦି ଶଙ୍କରାଚାର୍ଯ୍ୟ ହିଁ ସ୍ଥାପନା କରିଥିଲେ। ୫ମ ରୁ ୮ମ ଶତାବ୍ଦୀ ମଧ୍ୟରେ କେଉଁ ଏକ ସମୟରେ ଏହି ସ୍ଥାପନା କାର୍ଯ୍ୟ ହୋଇଥିବା ଅନୁମାନ କରାଯାଉଛି। ପୁରାତାତ୍ତ୍ୱିକ ସାହିତ୍ୟ ଅନୁସାରେ ଏହି ମନ୍ଦିର ପ୍ରାୟ ୧୩୦୦ ବର୍ଷର ପୁରାତନ। ହୁଏତ ଏଠାରେ ପଲ୍ଲବ ସମ୍ରାଟଙ୍କ ଆଧିପତ୍ୟ ଥିଲା ଓ କାଂଚି ପୁରମ୍ ତାଙ୍କ ରାଜଧାନୀ ଥିଲା ବୋଲି କୁହାଯାଉଛି। ସେ ଯାହାହେଉ କାମାକ୍ଷୀ ଦେବୀ ହିଁ କାଂଚିର ଅଧିଷ୍ଠାତ୍ରୀ ଦେବୀ ଥିଲେ, ଏଥିରେ କାହାର ସନ୍ଦେହ ନାହିଁ।



କାଂଚିର କାମାକ୍ଷୀ ମନ୍ଦିର ଭାରତୀୟ ଉପମହାଦେଶର ୧୮ଟି ମହା ଶକ୍ତିପୀଠ ମଧ୍ୟରେ ଗୋଟିଏ ଓ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଶକ୍ତିପୀଠ ଅଟେ। କ୍ରୋଧ ଜର୍ଜରିତ ଶିବ ଯେତେବେଳେ ମା'ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ, ଶିବଙ୍କୁ ଶାନ୍ତ କରିବା ପାଇଁ ବ୍ରହ୍ମା ବିଷ୍ଣୁଙ୍କୁ ଅନୁରୋଧ କଲେ। ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା'ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲେ ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ବିଭିନ୍ନ ସ୍ଥାନରେ ବିଂଚି ହୋଇ ପଡ଼ିଲା। ସେହି ଖଣ୍ଡ ମାନଙ୍କ ମଧ୍ୟରୁ ସତୀଙ୍କ ନାଭିଖଣ୍ଡ ଏଠାରେ ପଡ଼ିଥିଲା। ଆଉ ଏହି ସ୍ଥାନ ଏକ ମହାନ୍ ଶକ୍ତିପୀଠ ଭାବେ ପରିଚିତ।



ଆହୁରି ବି କୁହାଯାଏ ଯେ, ଦେବୀ ଅସୁର ଭଣ୍ଡାସୁରକୁ ବଦ୍ଧ କରିବା ପାଇଁ ଏକ କନ୍ୟା ରୂପରେ ଅବତାର ନେଇଥିଲେ ଓ ସେ ଏହି ମନ୍ଦିରରେ ଅଧିଷ୍ଠିତ ଥିଲେ। ଏହି ମନ୍ଦିରକୁ ସ୍ୱୟମ୍ଭୁ ବୋଲି କୁହାଯାଏ। କାରଣ ଏହି ମନ୍ଦିରରେ ଥିବା ମାତାଙ୍କ ମୂର୍ତ୍ତି କାହାରି ଦ୍ୱାରା ତିଆରି ହୋଇନଥିଲା, ବରଂ ସ୍ୱଂୟ ଅବତରିତ ହୋଇଥିଲା। କୁହାଯାଏ ଯେ, ଦେବୀ ଏହି ମନ୍ଦିରରେ ସ୍ଥୁଳ, ସୂକ୍ଷ୍ମ ଓ ଶୂନ୍ୟ ଏପରି ତିନିଟି ସ୍ୱରୂପରେ ବିରାଜମାନ କରିଛନ୍ତି।

ଶାସ୍ତ୍ର ଅନୁଯାୟୀ ଭଗବାନ ଶିବଙ୍କ ସହିତ ବିବାହ କରିବାକୁ ଆଶା କରି କାମାକ୍ଷୀ ଅମ୍ମା ଘୋର ସପସ୍ୟା କରିଥିଲେ। ଶେଷରେ ତାଙ୍କର ଅଭିଳାସ ପୂର୍ଣ୍ଣ ହେଲା ଏବଂ ଫାଲଗୁନ ମାସର ଉତର ନକ୍ଷତ୍ରରେ ଭଗବାନ୍ ଶିବଙ୍କ ସହିତ ତାଙ୍କର ବିବାହ ହେଲା। ଏଠାରେ ମା'କାମାକ୍ଷୀଙ୍କ ଗୋଟିଏ ଗୋଡ଼ରେ ଛିଡ଼ା ହୋଇ ତପସ୍ୟା କରୁଥିବା ସୁନାର ଏକ ମୂର୍ତ୍ତି ରହିଛି। ମା'ଙ୍କର ଏହି ସ୍ୱର୍ଣ୍ଣ ମୂର୍ତ୍ତିକୁ ବଙ୍ଗାରୁ କାମାକ୍ଷୀ ବୋଲି ମଧ୍ୟ କୁହାଯାଏ।

କାଂଚି କାମାକ୍ଷୀ ମନ୍ଦିରର ମୁଖ୍ୟ ଗର୍ଭ ଗୃହକୁ ଗାୟତୀ ମଣ୍ଡପ କୁହାଯାଏ। ଏଠାରେ କାମାକ୍ଷୀ ଅମ୍ମା ପଦ୍ମାସନର ଯୋଗମୁଦ୍ରାରେ ବସିଛନ୍ତି। ତାଙ୍କର ଆସନ ପଂଚ ବ୍ରହ୍ମାସନ। କାମାକ୍ଷୀ ଅମ୍ମାଙ୍କର ଚାରି ହାତ ରହିଛି। ତାଙ୍କ ତଳ ହାତରେ ରହିଛି ଆଖୁଖଣ୍ଡ ଓ ପାଂଚଟି ଫୁଲର ଗୁଚ୍ଛ। ଉପର ଦୁଇ ହାତରେ ସେ ଶସ୍ତ୍ର, ଫାଶ ଓ ଦଣ୍ଡ ଧାରଣ କରିଛନ୍ତି। ଦେବୀଙ୍କ ପ୍ରତିମାକୁ ସର୍ବଦା ଉଜ୍ଜ୍ୱଳ ରଙ୍ଗିନ ଶାଢୀ ଓ ସଂପୂର୍ଣ୍ଣ ବେଶଭୂଷାରେ ଅଳଙ୍କୃତ କରାଯାଏ। ଗର୍ଭଗୃହ ଭିତରେ ରୁପାରେ ଝୁଲୁଥିବା ଏକ ସ୍ତମ୍ଭ ରହିଛି। ଏଥିରେ ଏକ ଛିଦ୍ର ରହିଛି, ଯାହା ଦେବୀଙ୍କ ନାଭିର ପ୍ରତିନିଧିତ୍ୱ କରେ। କୁହାଯାଏ ଯେ, ଏହା ଭକ୍ତ ମାନଙ୍କୁ ସନ୍ତାନ ପାଇବାର ବର ପ୍ରଦାନ କରିଥାଏ।



କାମାକ୍ଷୀ ମନ୍ଦିରରେ ପ୍ରତ୍ୟେକ ବର୍ଷ ଫାଲଗୁନ ମାସରେ ଭଗବାନ ଶିବ ଓ କାମାକ୍ଷୀଙ୍କ ମଧ୍ୟରେ ବିବାହ ଉତ୍ସବ ପାଳନ କରାଯାଏ। ଏହି ଉତ୍ସବରେ ବିବାହ ଅଭିଳାଷ ରଖିଥିବା ଯୁବକ ଯୁବତୀ ମାନେ ବହୁ ସଂଖ୍ୟାରେ ଏଠାକୁ ଆସିଥାନ୍ତି। ଏହିଦିନ ଦେବୀଙ୍କୁ ନୌକାରେ ବସାଯାଇ ବୁଲାଯାଏ। ସେହିପରି ପ୍ରତି ମାଘ ମାସରେ ଏଠାରେ ବାର୍ଷିକ ବ୍ରହ୍ମୋତ୍ସବ ପାଳନ କରାଯାଏ। ଏହି ସମୟରେ ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ଦେବୀଙ୍କ ରଥ ବାହାରକୁ ଯାଏ। ଉତ୍ସବର ଚତୁର୍ଥ ଦିନ କାମାକ୍ଷୀ ଅମ୍ମା ସୁନାର ସିଂହ ଉପରେ ବସନ୍ତି ତଥା ନବମ ଦିନରେ ରୂପା ନିର୍ମିତ ରଥରେ ବସି ନଗର ଭ୍ରମଣରେ ଯାଆନ୍ତି। ଏହି ଉତ୍ସବ ଦିନ ବା ପୂର୍ଣ୍ଣିମା ପଡୁଥିବା ୧୦ମ ଦିବସ ଓ ଶେଷ ଦିନରେ ଦେବୀ ଓ ତାଙ୍କର ଭକ୍ତମାନେ ମନ୍ଦିରର ଜଳକୁଣ୍ଡରେ ବୁଡ଼ ପକାନ୍ତି।



ପ୍ରତି ବର୍ଷ ଚୈତ୍ର ମାସର ପ୍ରଥମ ଦିବସରେ କାମାକ୍ଷୀ ଅମ୍ମା ନିଜ ସୁନାର ରଥ ଉପରେ ବସନ୍ତି। ଏଭଳି ରଥଯାତ୍ରା ହିନ୍ଦୁ ପାଞ୍ଜି ଅନୁସାରେ ପ୍ରତି ମାସର ପ୍ରଥମ ଦିନ ଆୟୋଜିତ ହୋଇଥାଏ। ଯଦି ତାହା ଶୁକ୍ରବାର ଦିନ ହୁଏ, ସେଦିନ ପୂର୍ଣ୍ଣିମା କିମ୍ବା ଅମାବାସ୍ୟା ହୋଇଥାଏ। କାଂଚିର କାମାକ୍ଷାଙ୍କ ଏହି ରଥଯାତ୍ରାକୁ ଦର୍ଶନ କରିବା ପାଇଁ ସମସ୍ତେ ବ୍ୟାକୁଳ ହୁଅନ୍ତି।

କାଂଚି ପୁରମ୍ ର ଅନ୍ୟ ମନ୍ଦିର ମାନଙ୍କର ରଥଯାତ୍ରା କାଂଚି କାମାକ୍ଷୀ ମନ୍ଦିରର ଚାରି ପାଖରେ ଘେରା ଲଗାନ୍ତି, କାରଣ କାମାକ୍ଷୀ ଦେବୀ କାଂଚିର ପ୍ରମୁଖ ଆରାଧ୍ୟ ଦେବୀ ଅଟନ୍ତି।

# ଯାହା ପାଇଁ ଜାତୀୟ ବିଜ୍ଞାନ ଦିବସ !



ବିଜ୍ଞାନ କ୍ଷେତ୍ରରେ ବିଶ୍ୱର ଶ୍ରେଷ୍ଠ ମର୍ଯ୍ୟାଦାଜନକ ନୋବେଲ ପୁରସ୍କାର ପାଇବାର ସୌଭାଗ୍ୟ ଅର୍ଜନ କରିଥିଲେ ଏସିଆର ପ୍ରଥମ ବ୍ୟକ୍ତି ସାର୍ ପ୍ରଫେସର୍ ଚନ୍ଦ୍ରଶେଖର ଭେଙ୍କଟ ରମଣ। ଦକ୍ଷିଣ ଭାରତର ତ୍ରିଚିନାପଲ୍ଲୀ ସହରର ଥିରୁଭାନାଇକାଭାଲ ଗ୍ରାମର ଚନ୍ଦ୍ରଶେଖର ଆୟାରଙ୍କ ଔରସ ଏବଂ ମାତାପାର୍ବତୀ ଅମ୍ମଲଙ୍କ ଗର୍ଭରୁ, ୧୮୮୮ ମସିହା ନଭେମ୍ବର ସାତ ତାରିଖରେ ଜନ୍ମିତ ଏହି ବ୍ୟକ୍ତି, ମାତ୍ର ୧୧ବର୍ଷରେ ମାଟ୍ରିକ, ୧୩ ବର୍ଷରେ ଆଇ.ଏ ପାଶ୍ କରି, ମାନ୍ଦ୍ରାଜର ପ୍ରେସିଡେନସି କଲେଜର ବି.ଏ ପଢିବା ପାଇଁ ନାମ ଲେଖାଇ ସମସ୍ତଙ୍କୁ ଚକିତ କରିଦେଇଥିଲେ। ରୁଗ୍ଣ ଶରୀର ଏବଂ କମ ବୟସ ପାଇଁ, ଇଂରାଜୀ ଅଧ୍ୟାପକ ଇ.ଏଚ୍.ଇଲିୟାଟଙ୍କ ମନରେ ସନ୍ଦେହ ଜାତ ହୋଇଥିଲା। ସେ ପ୍ରଶ୍ନ କରିଥିଲେ ତୁମେ କଣ ଏଇ ଶ୍ରେଣୀର ପିଲା ? ତାଙ୍କର ଅସ୍ତି ବାଚକ ଉତର ହାସ୍ୟ ଉଦ୍ରେକ କରିଥିଲା ସହପାଠୀ ମାନଙ୍କ ମଧ୍ୟରେ। ପରେ ପରେ ଅଧ୍ୟାପକଙ୍କ ସମସ୍ତ କଠିନ ପ୍ରଶ୍ନର ସ୍ପଷ୍ଟ ଏବଂ ସଠିକ୍ ଉତରରେ ସ୍ତବ୍ଧ ହୋଇଯାଇଥିଲା ସମଗ୍ର ପରିବେଶ। ଯେଉଁ କେତେ ଜଣ ଭାରତୀୟ ବୈଜ୍ଞାନିକ, ନିଜର ଅକ୍ଲାନ୍ତ ପରିଶ୍ରମ ଓ ପ୍ରଚେଷ୍ଟା ବଳରେ ବିଶ୍ୱବନ୍ଦିତ ହୋଇପାରିଛନ୍ତି, ତନ୍ମଧ୍ୟରୁ ରମଣ ଅନ୍ୟତମ। ଚାଟଶାଳୀରେ ବାଲ୍ୟଶିକ୍ଷା ଠାରୁ ଆରମ୍ଭ କରି ପ୍ରେସିଡେନସି କଲେଜରେ ପଦାର୍ଥ ବିଜ୍ଞାନରେ ଏମ,ଏ ପଢିବା ପର୍ଯ୍ୟନ୍ତ ସମସ୍ତ ଶ୍ରେଣୀରେ ସେ ନିଜର ପ୍ରତିଭା ଓ ଦକ୍ଷତା ପ୍ରଦର୍ଶନ କରିଥିଲେ। ଏପରିକି ଏମ,ଏ ପଢିବା ସମୟର ଦୁଇ ବର୍ଷରୁ ସେ ମାତ୍ର ଗୋଟିଏ ଦିନ, ପଦାର୍ଥ ବିଜ୍ଞାନର ମୁଖ୍ୟ ଅଧ୍ୟାପକ ଆର୍.ଏଲ୍.ଜୋନସ୍ଙ୍କ, ଆଲୋକ ଉପକରଣ ସମ୍ବନ୍ଧୀୟ ଏକ ଆଲୋଚନା ଶୁଣିବା ପାଇଁ ଯାଇଥିଲେ। ପଦାର୍ଥ ବିଜ୍ଞାନର ସମସ୍ତ କ୍ଲିଷ୍ଟ ବିଷୟକୁ, ଅଧ୍ୟାପକଙ୍କର ବିନା ସାହାଯ୍ୟରେ ଅକ୍ଳେଶରେ ବୁଝି ପାରୁଥିବାରୁ, ସେ ସମୟକୁ ରମଣ, ଗବେଷଣା କାର୍ଯ୍ୟରେ ବିନିଯୋଗ କରୁଥିଲେ। ବିଜ୍ଞାନର ଆକର୍ଷଣ ଏବଂ ତତ୍‌ସମ୍ବନ୍ଧୀୟ ଗବେଷଣା ନିମନ୍ତେ ସମୟ ଦେବା ଯୋଗୁ ସେ ସରକାରୀ ନିଯୁକ୍ତି ପାଇଁ ଆଗ୍ରହୀ ନଥିଲେ। ପରିବାର ସଦସ୍ୟଙ୍କ ଚାପରେ, ପରୀକ୍ଷା ଦେଇ, ସେ ମାତ୍ର ୧୯ ବର୍ଷରେ, କଲିକତାରେ , ଅର୍ଥ ବିଭାଗର ସହକାରୀ ଏକାଉଂଟାଂଟ ଜେନେରାଲ ପରି ମର୍ଯ୍ୟାଦା ଜନକ ପଦବୀରେ ନିଯୁକ୍ତି ପାଇଲେ। ତାଙ୍କର କର୍ତବ୍ୟନିଷ୍ଠା , ଶୃଙ୍ଖଳା ଏବଂ ସର୍ବୋପରି କର୍ମ ଦକ୍ଷତା ଯୋଗୁ, ଅଫିସ୍‌ରେ ସେ ସମସ୍ତଙ୍କ ପ୍ରିୟ ପାତ୍ର ହୋଇପାରିଥିଲେ, ମାତ୍ର ସେ ଏଥିରେ ସନ୍ତୁଷ୍ଟ ନଥିଲେ। ଦିନ ୧୦ଟାରୁ ୫ଟା ପର୍ଯ୍ୟନ୍ତ ଅଫିସ କାମକୁ ଛାଡିଦେଲେ, ନିଜର ଦୈନନ୍ଦିନ କାର୍ଯ୍ୟ ପାଇଁ ଖୁବ୍ କମ ସମୟ ବିନିଯୋଗ କରି ଅବଶିଷ୍ଟ ସମୟରେ ସେ କେବଳ ଗବେଷଣା ରେ ନିମଗ୍ନ ରହୁଥିଲେ। ଗବେଷଣା ପାଇଁ ସେ ଉପଯୁକ୍ତ ପରିବେଶ ଏବଂ ସହଯୋଗ ପାଇ ପାରୁନଥିଲେ। ଦିନେ ଅଫିସ୍‌ରୁ ଫେରିବାବେଳେ, ବଡବଜାର ଷ୍ଟ୍ରିଟ୍ ର ଗୋଟିଏ ଘରେ, (ଭାରତୀୟ ବିଜ୍ଞାନ ସଂସଦ) ଲେଖା ସାଇନ୍‌ବୋର୍ଡଟିଏ ଝୁଲୁ ଥିବାର ଦେଖି, ଭାରି ଖୁସି ହୋଇଗଲେ। ଏହି ସଂସ୍ଥାର ପ୍ରତିଷ୍ଠାତା ଡକ୍ଟର ମହେନ୍ଦ୍ରଲାଲ୍ ସରକାରଙ୍କ ସହିତ ସାକ୍ଷାତକରି, ବିଜ୍ଞାନର ଉନ୍ନତି ନିମନ୍ତେ ଉଭୟେ ଅନେକ ଗୁଡିଏ ଯୋଜନା ପ୍ରସ୍ତୁତ କରିଥିଲେ। ରମଣ ଯଦିଓ ଆଲୋକର ବିକିରଣ ଉପରେ ସ୍ୱତନ୍ତ୍ର ଭାବରେ ଗବେଷଣା କରୁଥିଲେ ତଥାପି ବିଭିନ୍ନ ବାଦ୍ୟଯନ୍ତ୍ରରୁ କିପରି ବିଭିନ୍ନ ପ୍ରକାର ଶବ୍ଦ ଉତ୍ପନ୍ନ ହେଉଛି, ତା ବିଷୟରେ ଏକ ତଥ୍ୟ ସମ୍ବଳିତ ପତ୍ର ଲଣ୍ଡନର ଧ୍ୱନି ବିଜ୍ଞାନର ଗବେଷକ ଲର୍ଡର୍ୟାଲେଙ୍କ ନିକଟକୁ ପଠାଇଥିଲେ। ଲର୍ଡର୍ୟାଲେ ଏହି ତଥ୍ୟଟିକୁ ପଢି ସାରିବା ପରେ, ରମଣଙ୍କୁ ଉଚ୍ଚ ପ୍ରଶଂସା କରି ଏକ ଉତର ପତ୍ର ପଠାଇଥିଲେ, ଯାହାକୁ ଦେଖି ଭାରତର ବୈଜ୍ଞାନିକ ଏବଂ ଜ୍ଞାନୀ ଲୋକ ମାନେ, ରମଣଙ୍କ ପରି ୨୦/୨୧ବର୍ଷର ଜଣେ ଯୁବକ ଯେ ଏତେ ଜ୍ଞାନର ଅଧିକାରୀ ,ଏହା କଳ୍ପନା କରି ପାରିନଥିଲେ। ୧୯୧୦ ମସିହାରେ , ଚାକିରୀରେ ପଦୋନ୍ନତି ଯୋଗୁ ତାଙ୍କୁ କଲିକତା ଛାଡି ରେଙ୍ଗୁନ ଯିବାକୁ ପଡିଲା। ରେଙ୍ଗୁନରେ ଗବେଷଣାର ସୁବିଧା ନଥିବାରୁ, ରେଙ୍ଗୁନ ଯିବାକୁ ଅନିଚ୍ଛୁକ ଥିଲେ ବି ପରିସ୍ଥିତି ଚାପରେ ସେ ସେଠାରେ ଯୋଗଦାନ କରି ଠିକ ବର୍ଷକ ପରେ ପୁଣି କଲିକତାକୁ ବଦଳି ହୋଇଆସିଲେ। ଇତ୍ୟବସରରେ ତାଙ୍କର କେତେକ ମୌଳିକ ଲେଖା ନିମନ୍ତେ , ବୈଜ୍ଞାନିକ ହିସାବରେସେ ଖ୍ୟାତିଲାଭ କରିସାରିଥିଲେ। ଅର୍ଥ ବିଭାଗର ଅଧିକ ବେତନର ମୋହ ତ୍ୟାଗକରି, ବିଜ୍ଞାନର ନିଶା ଯୋଗୁ, ସେ କଲିକତା ବିଶ୍ୱ ବିଦ୍ୟାଳୟର ସ୍ନାତକୋତର ଶ୍ରେଣୀରେ ଅଧ୍ୟାପକ ଭାବରେ ଯୋଗଦାନ କରିଥିଲେ। ଯଦି ସେ ଅର୍ଥ ବିଭାଗର ଚାକିରୀ ପରିତ୍ୟାଗ କରି , ବିଜ୍ଞାନର ଅଧ୍ୟାପକ ଭାବରେ କାର୍ଯ୍ୟ କରିନଥାନ୍ତେ, ତେବେ ଭାରତବର୍ଷ, ତାଙ୍କପରି ବିଶ୍ୱବନ୍ଦିତ ନୋବେଲ ବିଜୟୀ ବୈଜ୍ଞାନିକଙ୍କୁ ପାଇବାର ସୁଯୋଗ ହରାଇଥାନ୍ତା ବୋଲି ମତ ପୋଷଣ କରିଥିଲେ, ଚକ୍ରବର୍ତୀ ରାଜଗୋପାଳଚାରୀ। ୧୯୦୬ରେ ବି.ଏ.ପଢୁଥିବା ସମୟରେ ମାତ୍ର ୧୮ ବର୍ଷ ବୟସରେ , ତାଙ୍କ ଦ୍ୱାରା ଲିଖିତ "ଆଲୋକର ବିଚ୍ଛୁରଣ" ନାମକ ଏକ ବିଜ୍ଞାନ ସନ୍ଦର୍ଭ , ଫିଲୋସଫିକାଲ ନାମକ ଏକ ବ୍ରିଟିଶ୍ ଜର୍ନାଲରେ ପ୍ରକାଶିତ ହୋଇଥିଲା।୧୯୨୮ ମସିହା ଫେବୃୟାରୀ ୨୮ ତାରିଖରେ ସେ ଆଲୋକର ବିକିରଣ ସମ୍ବନ୍ଧୀୟ ଏକ ଚମକପ୍ରଦ ତଥ୍ୟ ଉପସ୍ଥାପନା କରିଥିଲେ, ଯାହାକି "ରମଣ ଇଫେକ୍ଟ"ନାମରେ ପ୍ରସିଦ୍ଧି ଲାଭ କରିଥିଲା। ସେଥିପାଇଁ ଏହି ଦିବସଟିକୁ ଭାରତ ସରକାରଙ୍କ ତରଫରୁ ପ୍ରତ୍ୟେକ ବର୍ଷ "ଜାତୀୟ ବିଜ୍ଞାନ ଦିବସ"ରୂପେ ପାଳନ କରାଯାଉଅଛି। ଫ୍ରାନସ୍ ବୈଜ୍ଞାନିକ ଜେ.କାବାନେସ, ଜର୍ମାନ୍ ବୈଜ୍ଞାନିକ ପି.ପ୍ରଙ୍ଗସେ ଓ ଭାରତର ଏଲ୍.ଏ.ରାମଦାସ୍ ରମଣଙ୍କ ସନ୍ଦର୍ଭକୁ "ରମଣ ସିଦ୍ଧାନ୍ତ" ନାମରେ ବିଶ୍ୱ ବିଖ୍ୟାତ କରାଇଥିଲେ ଏବଂ ଏହି ସିଦ୍ଧାନ୍ତ ପାଇଁ ସେ ୧୯୩୦ ମସିହାରେ ନୋବେଲ୍ ପୁରସ୍କାର ଲାଭ କରିଥିଲେ।୧୯୩୩ ମସିହାରେ ବାଙ୍ଗାଲୋରସ୍ଥିତ, ଇଣ୍ଡିଆନ ସୋସାଇଟି ଅଫ ସାଇନସ୍ ର ପ୍ରଥମ ଭାରତୀୟ ନିର୍ଦ୍ଦେଶକ ଭାବରେ ଯୋଗଦାନ କରିଥିଲେ। ସେହିବର୍ଷ ସେଠାରେ ସେ, ଇଣ୍ଡିଆନ ଆକାଡେମୀ ଅଫ ସାଇନସ ନାମକ ଏକ ଅନୁଷ୍ଠାନ ସ୍ଥାପନା କରିଥିଲେ।୧୯୪୮ ରେ ତାଙ୍କ ଦ୍ୱାରା "ରମଣ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ"ସ୍ଥାପିତ ହୋଇଥିଲା,ଯେଉଁଥିରେ ସେ ତାଙ୍କ ଜୀବନର ଶେଷ ସମୟ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିଲେ। ଜୀବନକାଳ ମଧ୍ୟରେ ରମଣ ଅନେକ ସମ୍ମାନ ଓ ପୁରସ୍କାର ପାଇଥିଲେ, ତନ୍ମଧ୍ୟରୁ ୧୯୧୨ରେ କର୍ଜନ ରିସର୍ଚ୍ଚ ଆୱାର୍ଡ,୧୯୧୩ରେ ଉଡବର୍ନ ରିସର୍ଚ୍ଚ ମେଡାଲ୍,୧୯୩୦ରେ ବ୍ରିଟିଶ୍ ସରକାରଙ୍କ ଦ୍ୱାରା ନାଇଟ ଉପାଧି, ସେହି ବର୍ଷ ଭାରତର ପ୍ରଥମ ବୈଜ୍ଞାନିକ ଭାବରେ ନୋବେଲ ପୁରସ୍କାର ଏବଂ ଲଣ୍ଡନର ରୟାଲ ସୋସାଇଟିରୁ ହ୍ୟୁଗସ୍ ପଦକ,୧୯୪୧ରେ ଫିଲାଡେଲଫିଆସ୍ଥିତ ଫ୍ରାଙ୍କଲିନ ଇନଷ୍ଟିଚ୍ୟୁଟ ଦ୍ୱାରା ଫ୍ରାଙ୍କଲିନ ମେଡାଲ,୧୯୫୪ରେ ଭାରତ ସରକାରଙ୍କ ଦ୍ୱାରା ଭାରତରତ୍ନ ଏବଂ ୧୯୫୭ରେ ଋଷ ସରକାରଙ୍କ ଦ୍ୱାରା ଲେନିନ୍ ପୁରସ୍କାର ଇତ୍ୟାଦି ଅନେକ ସମ୍ମାନ ପାଇଥିଲେ। ବିଜ୍ଞାନ କ୍ଷେତ୍ରରେ ରମଣଙ୍କ ଦକ୍ଷତା ଓ ଅବଦାନ, ବିଶ୍ୱସ୍ତରରେ ଭାରତୀୟ ବୈଜ୍ଞାନିକ ମାନଙ୍କ ସମ୍ମାନ ବୃଦ୍ଧି ଦିଗରେ ଯଥେଷ୍ଟ ସହାୟକ ହୋଇଥିଲା।୧୯୬୯ ମସିହା ଅକ୍ଟୋବର ମାସରେ ଗବେଷଣାଗାରରେ କାର୍ଯ୍ୟରତ ଥିବା ସମୟରେ ସେ ହୃଦ୍‌ଘାତର ଶିକାର ହୋଇଥିଲେ। ଚିକିତ୍ସା ଫଳରେ ସେ ଆଉ କିଛିଦିନ ବଂଚି ରହିଥିଲେ, କିନ୍ତୁ ୧୯୭୦ ମସିହା ନଭେମ୍ବର ମାସ ୨୧ ତାରିଖ ଦିନ ଭାରତର ବିଜ୍ଞାନାକାଶରୁ ଏହି ଉଜ୍ଜଳମୟ ନକ୍ଷତ୍ର ସବୁଦିନ ପାଇଁ ଅସ୍ତ ହୋଇଯାଇଥିଲା। ମୃତ୍ୟୁପୁର୍ବରୁ , ତାଙ୍କ ବିଜ୍ଞାନ ଆକାଡେମୀର ଜର୍ନାଲଟିକୁ ଚଲାଇ ରଖିବା ନିମନ୍ତେ ସେ ତାଙ୍କର ଜଣେ ପ୍ରାକ୍ତନ ଛାତ୍ରଙ୍କୁ ଅନୁରୋଧ କରଥିଲେ। ତାଙ୍କର ଶେଷ ଇଚ୍ଛା ଅନୁଯାୟୀ, ତାଙ୍କ ମରଶରୀରକୁ ବିନା କୌଣସି ଆଡମ୍ବରରେ,"ରମଣ ଗବେଷଣା କେନ୍ଦ୍ର"ର ହତା ମଧ୍ୟରେ ସମାଧି ଦିଆଯାଇଥିଲା।

## ଶ୍ରୀଲିଙ୍ଗରାଜ ମନ୍ଦିରକୁ ପଲିଥିନ୍, ମାଦକଦ୍ରବ୍ୟ ନିଷିଦ୍ଧ ପାଇଁ ଉଠିଲା ଦାବି



ଭୁବନେଶ୍ୱର (ପିଏନ୍): ଜାଗର ଯାତ୍ରା। ଏ ନେଇ ଚଳଚଞ୍ଚଳ ଏକାମ୍ର କ୍ଷେତ୍ର। ଏକାମ୍ର କ୍ଷେତ୍ରର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ଦର୍ଶନ ଓ ସାନ୍ନିଧ୍ୟ ଲାଭ ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ଜାଗର ସମୟରେ ଲକ୍ଷାଧିକ ଭକ୍ତ, ଶ୍ରଦ୍ଧାଳୁ, ସାଧୁ, ସନ୍ନ୍ୟାସୀମାନଙ୍କ ସମାଗମ ହୋଇଥାଏ। ଠାକୁରଙ୍କ ନିକଟରେ ଭୋଗ କରିବା ହେଉ କି ଦୀପ ଜାଳିବା ହେଉ ଅନେକ ଭକ୍ତ ମନ୍ଦିର ଭିତରକୁ ପଲିଥିନ୍, ପ୍ଲାଷ୍ଟିକ ଦ୍ରବ୍ୟ ଇତ୍ୟାଦି ଭୋଗ ସାଥିରେ ନେଇ ଆସିଥାନ୍ତି। ପରବର୍ତ୍ତୀ ସମୟରେ ସେଗୁଡ଼ିକୁ ମନ୍ଦିର ବେଢା ଭିତରେ ଏଣେ ତେଣେ ଫୋପାଡ଼ି ଚାଲି ଯାଇଥାନ୍ତି। ଯଦ୍ୱାରା ଐତିହ୍ୟ, କୀର୍ତ୍ତିରାଜି ମଣ୍ଡିତ ମନ୍ଦିରର ପରିବେଶ ଓ ସୌନ୍ଦର୍ଯ୍ୟ ବିଗିଡ଼ି ଯାଇଥାଏ। ପରବର୍ତ୍ତୀ ସମୟରେ ଯେତେବେଳେ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ସଫେଇ ହୁଏ ସେଗୁଡ଼ିକ ମନ୍ଦିର ବାହାରେ ଆଣି ଗଦାଇଥାନ୍ତି। ବାହାରେ ଏଣେ ତେଣେ ବୁଲୁଥିବା ବୁଲା ଗୋରୁ, ଗାଈ, ଷଣ୍ଢ ଇତ୍ୟାଦି ଜୀବ ଏଗୁଡ଼ିକୁ ଖାଇ ମୃତ୍ୟୁବରଣ କରିଥାନ୍ତି। ଏତଦ୍‌ସହ କିଛି ଅସାମାଜିକ ବ୍ୟକ୍ତି ମନ୍ଦିର ଭିତରେ ପାନ, ଗୁଟ୍‌ଖା, ବିଡ଼ି, ସିଗାରେଟ୍, ଗଞ୍ଜେଇ ଏବଂ ମଦ ପରି ମାଦକ ଦ୍ରବ୍ୟକୁ ବ୍ୟବହାର କରିଥାନ୍ତି। ଯାହ ମନ୍ଦିର ସଫେଇ ସମୟରେ ନଜରକୁ ଆସିଥାଏ। ଏଣୁ ଏ ନେଇ ସ୍ୱତନ୍ତ୍ର ମାର୍ଗଦର୍ଶିକା ସହ ସମ୍ପୂର୍ଣ୍ଣ ରୂପେ ମାଦକଦ୍ରବ୍ୟ ନିଷିଦ୍ଧ ପାଇଁ କଟକଣା ଜାରି ହେଉ ବୋଲି ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ଏ ନେଇ ଶ୍ରୀ ଲିଙ୍ଗରାଜ ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ଦାବି କରିଥିବା ଜଣାପଡ଼ିଛି।

## ଭାବନା, କାମନା ଓ ପରିକଳ୍ପନା ଦ୍ୱାରା ଏକ ଉଜ୍ଜ୍ୱଳ ସମ୍ଭାବନା ସୃଷ୍ଟି ହୋଇଥାଏ: ବାଚସ୍ପତି



ଫୁଲନଖରା (ପିଏନ୍)-ରାଜ୍ୟର ସର୍ବପ୍ରଥମ ରଙ୍ଗୀନ ଦୈନିକ ଓଡ଼ିଆ ଖବରକାଗଜ 'ସମୟ'ର ୨୫ତମ ବାର୍ଷିକ ସମାରୋହ ସଦର ଥାନା ଅନ୍ତର୍ଗତ ମୀରା କୋର୍ଟୟାର୍ଡ଼ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ବିଧାନସଭାର ବାଚସ୍ପତି ଡଃ. ସୂର୍ଯ୍ୟ ନାରାୟଣ ପାତ୍ର ମୁଖ୍ୟ ଅତିଥିରୂପେ ଯୋଗଦେଇ 'ଆଗାମୀ ଦଶନ୍ଧିରେ ଓଡ଼ିଶା' ଶୀର୍ଷକ ଏକ ଆଲୋଚନାଚକ୍ରରେ ଅଂଶ ଗ୍ରହଣ କରି ପ୍ରଥମେ ଭାବନା ତା'ପରେ କାମନା ଓ ପରେ ପରିକଳ୍ପନା ଦ୍ୱାରା ଏକ ସୁନେଲୀ ଭବିଷ୍ୟତର ସମ୍ଭାବନା ସୃଷ୍ଟି ହୋଇଥାଏ ବୋଲି କହିଥିଲେ। ରାଜ୍ୟ ପଞ୍ଚାୟତିରାଜ ଓ ଆଇନ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟବକ୍ତା ଭାବେ ମଞ୍ଚାସୀନ ହୋଇ ଶିକ୍ଷାର ବିକାଶ ହେଲେ ଅନ୍ୟ ସମସ୍ତ କ୍ଷେତ୍ରର ସାମଗ୍ରୀକ ବିକାଶ ତ୍ୱରାନ୍ୱିତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ରାଜ୍ୟ ପୂର୍ବତନ ସୂଚନା କମିଶନର ଶ୍ରୀ ଜଗଦାନନ୍ଦ ସମ୍ମାନିତ ଅତିଥିରୂପେ ଯୋଗଦେଇ ଆଗାମୀ ୧୦ବର୍ଷ ପାଇଁ ଆମକୁ ପକ୍କା ଘର, ଜୈବିକ କୃଷି, ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସ, ଆଦିବାସୀଙ୍କ ବିକାଶ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଯଥେଷ୍ଟ ଗୁରୁତ୍ୱ ଦେଲେ ଏକ ସୁନ୍ଦର ତଥା ବିକଶିତ ଓଡ଼ିଶା ରୂପରେଖ ସାକାର ହେବବୋଲି ବର୍ଣ୍ଣନା କରିଥିଲେ। ଆପୋଲୋ ହସପିଟାଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଡା. ଆଲୋକ ଶ୍ରୀବାସ୍ତବ, ଆମ୍ରି ହସପିଟାଲ ମୁଖ୍ୟ ନୀଳନା ମୁଖାର୍ଜି, ଇା ଅଧିକାରୀ କିଶୋରମୋହନ ମହାନ୍ତି ପ୍ରମୁଖ ଆମନ୍ତ୍ରିତ ଅତିଥିଭାବେ ମଞ୍ଚାସୀନ ହୋଇ 'ସମୟ' ରାଜ୍ୟର ଅଗ୍ରଗତିରେ ସହାୟକ ହେଉଥିବା ବିଷୟ ସୂଚନା ଦେବା ସହିତ ଆଗାମୀ ଦଶ ବର୍ଷ ପାଇଁ ଏକ ଉନ୍ନତ ଓଡ଼ିଶା ଗଢ଼ିବା ଦିଗରେ କର୍ପୋରେଟ ହାଉସଗୁଡ଼ିକ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଚିରଂଜିବୀ ବିଶ୍ୱାଳ, ପ୍ରାକ୍ତନ ସାଂସଦ ତଥା 'ସମୟ'ର ପରିଚାଳନା ସମ୍ପାଦକ ରଂଜୀବ ବିଶ୍ୱାଳ, ତେଜଶ୍ରୀ ବିଶ୍ୱାଳ ଓ ଅନୀତା ବିଶ୍ୱାଳଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତି ବିଶେଷ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। 'ସମୟ' ପରିବାରର ସମସ୍ତ କର୍ମକର୍ତ୍ତା ଓ ଅଧିକାରୀଗଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲା ବେଳେ ପ୍ରଶାସନିକ ଅଧିକାରୀ ସତ୍ୟନାରାୟଣ ମହାନ୍ତି ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଶେଷରେ ରାଜ୍ୟର ଲବ୍ଧପ୍ରତିଷ୍ଠିତ କଳାକାରଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଲଭ୍ ଟ୍ରି: ପ୍ରକୃତି ପ୍ରତି ସମର୍ପିତ ପ୍ରେମ




ଭୁବନେଶ୍ୱର (ପିଏନ୍): ବିଶ୍ୱବ୍ୟାପୀ 'ଭାଲେଣ୍ଟାଇନ୍ ଡ଼େ'କୁ ପ୍ରେମ ଦିବସ ରୂପେ ପାଳନ କରାଯାଉଥିବା ବେଳେ ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ରଙ୍ଗ, ବେରଙ୍ଗ ମୁରୁଜରେ ଲଭ୍ ଟ୍ରି ତିଆରି କରି ଆସ ଆମେ ପ୍ରକୃତିକୁ ପ୍ରେମ କରିବାର ବଳିଷ୍ଠ ବାର୍ତ୍ତା ଭାଲେଣ୍ଟାଇନ୍ ଦିବସରେ ପ୍ରଦାନ କରିଛନ୍ତି। ସ୍ମାର୍ଟ ସିଟି ଭୁବନେଶ୍ୱରର ପାର୍କ ଠାରୁ ମଲ୍ ଯାଏ ସବୁଠି ପ୍ରେମ ସମ୍ଭାଷଣ ପାଇଁ ଗୋଲାପ ଫୁଲ, ଗ୍ରୀଟିଙ୍ଗସ୍, ଉପହାର ଦିଆନିଆ ଭିତରେ ଭାଲେଣ୍ଟାଇନ୍ ଡ଼େ' ପାଳନ ଦେଖିବାକୁ ମିଳିଥାଏ। ହେଲେ ପୋଖରୀପୁଟ ଇନ୍ଦ୍ରପ୍ରସ୍ଥ କଲୋନୀ ଫେଜ୍-୨ଠାରେ ରହୁଥିବା ସୁଶାନ୍ତ ହୃଦୟ ରୂପକ ବୃକ୍ଷକୁ ସ୍ଥାନିତ କରି ବିଶ୍ୱ ପ୍ରେମ ଦିବସରେ ଆସ ଆମେ ପ୍ରକୃତିକୁ ଭଲ ପାଇବାର ବାର୍ତ୍ତା ସହ ବୃକ୍ଷ ଉପହାର ଦେଇଛନ୍ତି।

## ବ୍ରହ୍ମେଶ୍ୱରରେ ମହାଶିବରାତ୍ରୀ, ୧୦ଟା ୨୦ରେ ଉଠିବ ମହାଦୀପ



ଭୁବନେଶ୍ୱର (ପିଏନ୍): ପ୍ରତିବର୍ଷ ପରି ଚଳିତ ବର୍ଷ ମହାପ୍ରଭୁ ଶ୍ରୀ ବ୍ରହ୍ମେଶ୍ୱର ମହାଦେବଙ୍କ ମହାଶିବରାତ୍ରୀ ପାଳନ ହୋଇଛି। ଚଳିତ ବର୍ଷ କୋଭିଡ୍ କଟକଣାରେ ଜାଗରଯାତ୍ରାରେ ଭକ୍ତ ଦର୍ଶନ କରିଛନ୍ତି। ସରକାରଙ୍କ ନିୟମକୁ ଦେଖି ନାମୀକଳାକାରଙ୍କ ଦ୍ୱାରା ଭଜନ ସନ୍ଧ୍ୟା ୭ଟାରେ ପରିବେଷଣ କରାଯାଇଥିଲା। ମନ୍ଦିର ନିକଟରେ ଆଇନ ଶୃଙ୍ଖଳା ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ବ୍ୟାପକ ପୁଲିସ ବ୍ୟବସ୍ଥା କରାଯାଇଥିଲା। ମନ୍ଦିରରେ ଭୋର ସାଢ଼େ ୪ଟାରୁ ସାହାଣମେଲା ଦର୍ଶନ ଆରମ୍ଭ ହୋଇଥିଲା ସେହିପରି ସନ୍ଧ୍ୟା ସାଢ଼େ ୬ଟାରୁ ମଧ ସାହାଣମେଲା ଦର୍ଶନ ହୋଇଥିଲା। ସଂଧ୍ୟା ସାଢ଼େ ୬ଟାରୁ ଭଜନ ସମାରୋହ କରାଯାଇଥିଲା। ଏଥିନେଇ ଶେଷ ପ୍ରସ୍ତୁତି ସମୀକ୍ଷା କରାଯାଇଥିଲା। ଏଥିରେ ଲର୍ଡ଼ ବ୍ରହ୍ମେଶ୍ୱର ଦେବ ଟେମ୍ପୁଲ ଟ୍ରଷ୍ଟବୋର୍ଡ଼ର ଟ୍ରଷ୍ଟି କାହ୍ନୁ ଚରଣ ସାମନ୍ତରାୟ, ଟ୍ରଷ୍ଟ ବୋର୍ଡ ସଦସ୍ୟ ପୁଷ୍ପା ଦାସ, ସ୍ଥାନୀୟ ମୁରବୀ ଶିବ କୃଷ୍ଣ ପଟ୍ଟନାୟକ, ଅଶୋକ ଦାସ, ଥାନା ଅଧିକାରୀ ଓ ସ୍ଥାନୀୟ ମୁରବୀମାନେ ସାମିଲ ହୋଇଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୪, ଫେବୃଆରୀ ୧୦**

# ଚରିତ୍ର ନଥିଲେ ସବୁ ଅସାର



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ – ସୁକେନ୍ଦ୍ରିକତା ଏକାନ୍ତ ଆବଶ୍ୟକ। ମନୁଷ୍ୟ ଭାବେ ଦୀକ୍ଷା ନେଲି, ଗୁରୁ ଗ୍ରହଣ କଲି, ସନ୍ନ୍ୟାସ ନେଲି, ବାନପ୍ରସ୍ଥ ନେଲି, ଏଥିରେ ହିଁ ସବୁ ହେଲା, ତାହା କିନ୍ତୁ ନୁହେଁ। କର୍ମ ଭିତର ଦେଇ ଯେତେ ପରିମାଣରେ ସୁନିୟନ୍ତ୍ରିତ ଓ ସୁକେନ୍ଦ୍ରିକ ହୋଇ ଉଠିବ ତୁମର ଚରିତ୍ରର ଦ୍ୟୁତି ସେତେ ପ୍ରକାଶିତ ହେବ। ଥିଲେ ଥାଉ ପଛେ ଗୁଣ ହଜାର, ଚରିତ୍ର ନଥିଲେ ସବୁ ଅସାର। ସାର୍ଥକ ସଙ୍ଗତି ଆବଶ୍ୟକ। ତୁମେ ଯାହା କିଛି କର ନା କାହିଁକି ଗୁରୁ ବା ଇଷ୍ଟଙ୍କ ଠାରେ ସାର୍ଥକ ହେବାକୁ ହେବ। ସବୁବେଳେ ନିଜକୁ ଜିଜ୍ଞାସା କରିବ – ମୋର ଏହି କର୍ମରେ ଗୁରୁଜୀ ବା ଇଷ୍ଟ ଦେବତା ସନ୍ତୁଷ୍ଟ ତ ? ଗୀତାରେ ଭଗବାନ ଶ୍ରୀକୃଷ୍ଣ ଭକ୍ତ ଅର୍ଜୁନଙ୍କୁ କହିଲେ – ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ। ଏହାର ଅର୍ଥ ତୁମର ମନଗଢ଼ା ବା ପ୍ରବୃତ୍ତି ଧର୍ମକୁ ଛାଡ଼ି ମୋତେ ରକ୍ଷା କରି ଚାଲ, ମୋତେ ପରିପାଳନ କର, ତାହା ହେଲେ ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ଜନୈକ ଭକ୍ତ ପ୍ରଶ୍ନ କଲେ – ସଦ୍‌ଗୁରୁ ଗ୍ରହଣ କଲେ ସେ ଆମ୍ଭ ମାନଙ୍କୁ ସର୍ବପାପ ଠାରୁ ରକ୍ଷା କରିବାର ନିଶ୍ଚୟତା ଓ ପ୍ରତିଶୃତି ଦେବେ ତ? ଦୃଢ଼ କଣ୍ଠରେ ଦୟାଲ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ – ଏହି ନିଶ୍ଚୟତା ଓ ପ୍ରତିଶୃତି ସଦ୍‌ଗୁରୁ ଅବଶ୍ୟ ଦେବେ। କିନ୍ତୁ ସେଥିନିମିତ୍ତ ତୁମକୁ ସୁକେନ୍ଦ୍ରିକ ହେବାକୁ ଲାଗିବ। ସକଳ ଗ୍ରହ ଯେପରି ସୂର୍ଯ୍ୟକୁ କେନ୍ଦ୍ର କରି ଚାଲୁଛନ୍ତି ତୁମକୁ ସେହିପରି ଗୁରୁଙ୍କ ଠାରେ କେନ୍ଦ୍ରାୟିତ ହେବାକୁ ପଡ଼ିବ। ଭଗବାନ ଶ୍ରୀକୃଷ୍ଣ ସେଥିପାଇଁ ଭକ୍ତ ଅର୍ଜୁନଙ୍କୁ କହିଲେ – ମନ୍ମନା ଭବ ମଦ୍‌ଭକ୍ତୋ ମଦ୍ୟାଜୀ ମାଂ ନମସ୍କୁରୁ। ମୋ ପାଇଁ କର୍ମ କର, ଏହି ଲକ୍ଷ୍ୟ ଠିକ୍ ରଖି ଚାଲ। ତୁମର ପ୍ରଭୁଙ୍କୁ ତୁମେ ଅନୁସରଣ କର। ତୁମେ ମଧ୍ୟ ବିଶ୍ୱରୂପ ଦେଖି ପାରିବ। ସ୍ମିତହାସ୍ୟ ସହକାରେ ଦୟାଲ୍ ପ୍ରଭୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ – ଭକ୍ତ ଅର୍ଜୁନଙ୍କ ମଧ୍ୟରେ ଅର୍ଜନ ଅଛି। ଅର୍ଜୁନ ଭଗବାନ କୃଷ୍ଣଙ୍କର କୃପା କର୍ମ ମାଧ୍ୟମରେ ଅର୍ଜନ କରିଥିଲେ। କୌଣସି କିଛି କରିବାକୁ ଯାଇ ଯଦି ଭୁଲ ହୋଇଯାଏ ଭୁଲକୁ ତତ୍‌କ୍ଷଣାତ ସଂଶୋଧନ କରିନିଅ, ସମ୍ପୂର୍ଣ୍ଣ ଭାବରେ ଦୂରୀକରଣ କର। ତାହା ହିଁ ମୋତେ ଆହୁରି ଖୁସି କରି ଉଠାଏ। ତୁମର ସତ୍ ଅଭ୍ୟାସଗୁଡ଼ିକ ସଜାଗ ରଖ, ଐବଭସତ୍ତ୍ୱ ମାନେ ଐବଙ୍କର ସତ୍ତ୍ୱ।

ଜନୈକ ଭକ୍ତ ପ୍ରଶ୍ନ କଲେ ଜୀବନର କଷ୍ଟ ଗୁଡ଼ିକ ଦୂର ହେବା ଆବଶ୍ୟକ। ଦୟାଲ ଶ୍ରୀ ଶ୍ରୀ ଠାକୁର ପ୍ରତ୍ୟାୟାତ୍ମକ ଭଙ୍ଗୀରେ କହି ଉଠିଲେ – କଷ୍ଟ ଭିତର ଦେଇ ଆମ୍ଭେମାନେ ପ୍ରସ୍ତୁତ ହେଉ। କଷ୍ଟ ଓ ବାଧାକୁ ଅତିକ୍ରମ କରି ଯେତେବେଳେ ଚାଲୁ ସେତେ ପରିମାଣରେ ଆମ୍ଭ ମାନଙ୍କର ବୋଧ ବୃଦ୍ଧି ପାଏ। ଅସତ୍‌କୁ ଆମେ ଜାଣିବୁ। କିନ୍ତୁ ଅସତ୍ ଯେପରି ଆମ୍ଭମାନଙ୍କୁ ପ୍ରଭାବିତ କରି ନପାରେ ତାର ଚେଷ୍ଟା କରିବୁ। ଏହିପରି ଭାବରେ ଆମର ବୋଧ ଓ ବ୍ୟକ୍ତିତ୍ୱ ନିୟନ୍ତ୍ରିତ ହେବ। ଏହି ଭାବରେ ଆମ୍ଭେମାନେ ପ୍ରଜ୍ଞାର ଅଧିକାରୀ ହୋଇ ଉଠିବୁ। ଯେକୌଣସି କର୍ମ ପଥରେ ବାଧା କଷ୍ଟ ଆସେ, ସେଗୁଡ଼ିକୁ ଅତିକ୍ରମ ନ କଲେ ସିଦ୍ଧିଲାଭ ହୁଏନାହିଁ। ଭଗବାନ ଶ୍ରୀକୃଷ୍ଣ ଭଗବଦ୍ ଗୀତାରେ କହିଛନ୍ତି – ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂ ତଥୈବ ଭଜାମ୍ୟହଂ, ମମ ବର୍ତ୍ତାନୁବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ। ପୁଣି ସନ୍ଥକବି ତୁଳସୀ ଦାସ କହିଛନ୍ତି – ତୁମ୍ ଯେଇସା ରମକୋ, ତୁମ୍‌କୋ ତେଇସା ରାମ, ଡାଇନେଯାଓ ତୋ ଡାଇନ, ବାମେ ଯାଓ ତୋ ବାମ। ଜନୈକ ଭଦ୍ରବ୍ୟକ୍ତି ପ୍ରଶ୍ନ କଲେ – ଯେ ଯେପରି ଭଜନା କରେ ସେହିପରି ଫଳ ପାଏ। ତାହାହେଲେ ରାବଣ ମଧ୍ୟ ସାଧନା କରି ଫଳ ପାଇଥିଲା। କିନ୍ତୁ ସମସ୍ତ ଦେବତା ଏକ ସଙ୍ଗରେ ରାବଣର ବିରୋଧୀ ହୋଇ ଉଠିଲେ କାହିଁକି ? ଯାହାଫଳରେ ରାବଣ ମୃତ୍ୟୁ ଲାଭ କଲା। ଏହି ପ୍ରସଙ୍ଗରେ କୁଳମାଲିକ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ – ମୁଁ ଯଦି ତୁମ ଉପରେ ହିଂସା କରେ ତାହା ଅସତ୍। ଅସତ୍ ଯିଏ ସେ ମୋର ଅସ୍ତିତ୍ୱକୁ ଧ୍ୱଂସ କରେ। ଆଉ ଅସ୍ତିତ୍ୱକୁ ଯିଏ ରକ୍ଷା କରେ ସେ ସତ୍। କିନ୍ତୁ ରାବଣ ଯେ ଭଗବାନ ରାମଙ୍କର ସହଧର୍ମିଣୀ ମାତା ଜାନକୀଙ୍କୁ ଟାଣି ନେଲା, ଅନ୍ୟର ରାଜ୍ୟ ଦଖଲ କଲା, ଏହା କ'ଣ ସତ୍ ଭାବର ଲକ୍ଷଣ। ଏହିସବୁ କରି ସେ ଭଗବାନଙ୍କର ଉପାସନା କରୁଥିଲା। ଏହାର ଅର୍ଥ ସେ ତାର ଅନ୍ତରସ୍ଥ ଭଗବାନଙ୍କୁ ବଞ୍ଚନା କରୁଥିଲା, ତାର ଉଦ୍ଦେଶ୍ୟ ଥିଲା ଭଗବାନ ରାମଚନ୍ଦ୍ରଙ୍କୁ ବଞ୍ଚନା କରିବା। ଧରାଯାଉ ସତ୍ତା ଚାହୁଁଛି ଚାରିଟା ରସଗୋଲା ଖାଇବ। କିନ୍ତୁ ମୁଁ ଯଦି ଅଧା କିଲୋ ରସଗୋଲା ଖାଏ ତାହାହେଲେ ସତ୍ତା ତାହା ଗ୍ରହଣ କରିବ ନାହିଁ। ଏହିସବୁ ପ୍ରବୃତ୍ତିର କ୍ଷୁଧା ନିମିତ୍ତ ମନୁଷ୍ୟ କରେ। ଆଉ ମୁଁ ଯଦି ଭଗବାନ ଶ୍ରୀରାମଙ୍କୁ ଭଲ ପାଏ ତାହାହେଲେ ମୋର ଚଳନ-ଚରିତ୍ର ଭଗବାନ ଶ୍ରୀରାମଙ୍କ ଭଳି ହୋଇଉଠିବ। ଜଣେ ସତୀ ସ୍ତ୍ରୀର ଯେପରି ହୁଏ। ଶତୃତା ଭଲ ନୁହେଁ, ଶତ୍ରୁତାର ନିରସନ ହେଲେ ହିଁ ଭଲ ହୁଏ। ଭକ୍ତ ଭଦ୍ରଲୋକ ପୁଣି ପ୍ରଶ୍ନ କଲେ ଜଣେ କେହି ଦୀକ୍ଷା ନେଲେ ଅନ୍ୟମାନେ ତାଙ୍କୁ ନିନ୍ଦା କରନ୍ତି, ଉପହାସ କରନ୍ତି। ଏହାକୁ ସହ୍ୟ କରିବାର ଶକ୍ତି ସେହି ଦୀକ୍ଷିତ ଭାଇଙ୍କର ଥିବା ଆବଶ୍ୟକ। ଏହି ପ୍ରସଙ୍ଗରେ କୁଳ ମାଲିକ ଶ୍ରୀ ଶ୍ରୀ ଠାକୁର କହିଲେ – ଏଗୁଡ଼ିକ ଭାବିବାର ଜିନିଷ ନୁହେଁ। ଲୋକମାନେ ନିନ୍ଦା କରିପାରନ୍ତି। ଆମ୍ଭେମାନେ ତ ପୁରୁଷ ଲୋକ, ଲୋକମାନେ ଭକ୍ତ ମୀରାବାଈଙ୍କର ମଧ୍ୟ ନିନ୍ଦା କରିଛନ୍ତି। କବୀର ସାହେବଙ୍କୁ ମଧ୍ୟ ଅନେକ ନିନ୍ଦା କରନ୍ତି। ନିନ୍ଦା କଲେ ମଧ୍ୟ ସେମାନେ ପ୍ରଭୁଙ୍କର ମହିମାକୁ ହିଁ ପ୍ରଚାର କରନ୍ତି। ସେଣ୍ଟ ଜନ୍ ପ୍ରଭୁ ଯୀଶୁଙ୍କ ପାଖରେ ଖାଲି ବସି ରହୁଥିଲେ। ଲୋକମାନେ ତାଙ୍କୁ କହୁଥିଲେ – ତୁମେ କେବଳ ବସି ରହିଛ କାହିଁକି ? ପ୍ରଭୁ ଯୀଶୁଙ୍କୁ ସହିତ କଥାବାର୍ତ୍ତା କରୁନ। ସେ କହିଲେ – ମୁଁ ମୂର୍ତ୍ତ ପ୍ରେମ ଦେଖୁଛି। ଭକ୍ତର ଭାବିବା ଉଚିତ – ପ୍ରଭୁ, ମୁଁ ତୁମକୁ ଭଲ ପାଏ। କର୍ମରେ ମଧ୍ୟ ସେହି ଭଲ ପାଇବା ପ୍ରକାଶ ପାଉ, ଚଳନ ମଧ୍ୟ ସେହିପରି ହେଉ, ଯେପରି ଥିଏଟରରେ ଆଚରଣ କରନ୍ତି। ଏହି ଧର୍ମର ଆଚରଣ କରୁ କରୁ ମନ ଭିତରେ ଧର୍ମ ଭାବ ଜାଗ୍ରତ ହୁଏ। ଏହା ଲୋକ ଦେଖାଣିଆ ହେଲେ ମଧ୍ୟ ଭଲ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୟାପରବଶ ହୋଇ କହି ଚାଲିଛନ୍ତି – ବୈଷ୍ଣବ ଶାସ୍ତ୍ରରେ ଏକ ଗଳ୍ପ ଅଛି। ଜଣେ ବ୍ୟାଧ ପକ୍ଷୀ ମାରୁଥିଲା, ପକ୍ଷୀ ମାନଙ୍କୁ ଖୁବ କଷ୍ଟ ଦେଇ ମାରୁଥିଲା, ଦୂରରୁ ବାଣ ମାରୁଥିଲା। ହୁଏତ କିଛି ପକ୍ଷୀ ମଧ୍ୟ ବାଣରେ ନ ମରି ଉଡି ଯାଉଥିଲେ। ଦିନେ ସେହି ସ୍ଥାନରେ ବ୍ୟାଧ ଦେଖିଲା ଜଣେ ସାଧୁ ମହାରାଜ ରାମ-ରାମ ଜପ କରି ପୋଖରୀରେ ଗାଧୋଇ ଆସି ସେହି ଗଛ ପାଖରେ ବସି ଧ୍ୟାନରେ ନିମଗ୍ନ ହେଲେ। ସେତେବେଳେ ତାର ଦେହରେ ପକ୍ଷୀମାନେ ଆସି ବସିବାକୁ ଲାଗିଲେ। ବ୍ୟାଧ ଭାବିଲା ଏହାତ ଖୁବ ମଜା। ମୁଁ ମଧ୍ୟ ଯଦି ଏଇଠାରେ ଗାଧୋଇ ଧ୍ୟାନରେ ବସେ ଓ ପକ୍ଷୀମାନେ ଯଦି ମୋ ଦେହରେ ବସନ୍ତି ତାହାହେଲେ ସେମାନଙ୍କୁ ସୁବିଧାରେ ଧରିବି, ମାରିବି ଓ ଖାଇବି। ତାପରେ ସାଧୁ ଚାଲିଗଲାରୁ ବ୍ୟାଧ ଜଣକ ରାମ-ରାମ ଜପ କରି ପୋଖରୀରେ ଗାଧୋଇ ତିଳକ ଓ ଚନ୍ଦନ ଲଗାଇ ଧ୍ୟାନରେ ବସିଲା। ଠିକ ସେହିପରି ଭାବରେ ପକ୍ଷୀମାନେ ମଧ୍ୟ ଉଡି ଆସି ବ୍ୟାଧ ଦେହରେ ବସିଲେ। ସେତେବେଳେ ସେ ବ୍ୟାଧାର ବିବେକର ଉଦୟ ହେଲା, ବ୍ୟାଧ ଭାବିଲା – ଏତିକିରେ ଏତେ ଫଳ। ମୁଁ ଯଦି ସତ୍ୟକାର ସାଧୁ ହୋଇପାରିବି ତାହାହେଲେ କେତେ କ'ଣ ପାଇବି। ଶ୍ରୀ ଶ୍ରୀ ଠାକୁର ଭାବଗମ୍ଭୀର ସ୍ୱରରେ କହୁଛନ୍ତି – ମୁଁ ଯେତେବେଳେ ଛୋଟ ଥିଲି ସେତେବେଳେ କଲିକତାର ଷ୍ଟାର ଥିଏଟରର ନାଟକ ଦେଖିବାକୁ ଯାଉଥିଲି। ଭଲ ଭଲ ନାଟକ ହେଲେ ମଧ୍ୟେ ମଧ୍ୟେ ଯାଉଥିଲି। ଯେଉଁମାନେ ଭଲ ଅଭିନୟ କରୁଥିଲେ ସେମାନେ ଖାଦ୍ୟ ପେୟରେ ନିଷ୍ଠା ସହକାରେ ନିରାମିଷ ଖାଉଥିଲେ ଓ ଚାଲୁଥିଲେ ମଧ୍ୟ ସେହିପରି ଭାବରେ। ଜଣେ ଖୁବ ଭଲ ଅଭିନୟ କରୁଥିଲେ, ଗିରୀଶ ଘୋଷଙ୍କର ରଚିତ ବୁଦ୍ଧଦେବ ନାଟକରେ ସେ ଖୁବ ଭଲ ଅଭିନୟ କରୁଥିଲେ। ଏହି ଅଭିନୟ କରୁ କରୁ ତାର ଦିନେ ବିବେକ ଉଦୟ ହେଲା। ସେ ଆଉ ଘରକୁ ନଯାଇ ସନ୍ନ୍ୟାସ ବ୍ରତ ଗ୍ରହଣ କଲା। ସେଥିପାଇଁ କୁହାଯାଇଛି ଧର୍ମର ଅଭିନୟ ମଧ୍ୟ ଭଲ। କିନ୍ତୁ ଧର୍ମର ଭାବାଳୁତା ଭଲ ନୁହେଁ। ଏଥିରେ ମନୁଷ୍ୟ ଧପ୍ପାବାଜ ହୋଇ ଉଠେ। କର୍ମ ଭିତର ଦେଇ ମନୁଷ୍ୟ ବୃଦ୍ଧି ପାଏ, କିନ୍ତୁ କେବଳ ବସି ବସି ତତ୍ତ୍ୱ ଆଲୋଚନା କଲେ ମନୁଷ୍ୟର ବୃଦ୍ଧି ହୁଏ ନାହିଁ। ସେଥିପାଇଁ ଶ୍ରୀ ଶ୍ରୀ ଠାକୁର କହିଲେ – କର୍ମ ନାହିଁ ଚିନ୍ତାସତ୍, ଖସଡ଼ା ପଥରେ ନରକ ପଥ।

ସହପ୍ରତିଋତ୍ୱିକ ଓ ପ୍ରଫେସର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ଉତ୍ତରାଖଣ୍ଡ ଓ ସମାନ ଆଇନ୍ ସଂହିତା



ଭାସ୍କର ବାରିକ୍

ସୋସିଆଲ ମିଡିଆରେ କେହି ଜଣେ ନେଦରଲାଣ୍ଡ ପ୍ରଧାନମନ୍ତ୍ରୀ ଗିର୍ଟ ଓ୍ୱାଇଲଡର୍ସଙ୍କର କେଇ ମିନିଟର ଗୋଟିଏ ଛୋଟିଆ ଭାଷଣ ଶେୟାର କରିଥିଲେ । ଭିଡିଓଟି ଭଲ ଲାଗିଲା । ଏଇଥିପାଇଁ ଭଲ ଲାଗିଲା ଯେ ନିଜ ଦେଶର ଶାନ୍ତି, ପ୍ରଗତି ଓ ଉନ୍ନତି ପାଇଁ ସେ ଉଗ୍ରବାଦ, ସନ୍ତ୍ରାସବାଦ ଓ ଆତଙ୍କବାଦୀଙ୍କ ପାଇଁ କଡ଼ା ଚେତାବନୀ ଦେଇଥିଲେ ତାଙ୍କ ଭାଷଣରେ । ସିଧା ଭାଷାରେ, ସ୍ପଷ୍ଟ ଭାବରେ କହିଥିଲେ ଏ ଦେଶ ଆମର। ଆମ ଦେଶର ମୂଳ ମୂଲ୍ୟବୋଧ, ମୌଳିକତା , ସେକୁଲାର ଏଥିକ୍ସ,ଦେଶର ଆଇନ୍ କାନୁନ୍ ସହିତ ଖେଳିବାକୁ ଚେଷ୍ଟା କରି ଯେଉଁ ଗୋଷ୍ଠୀ ନିଜର ଧର୍ମ ଗ୍ରନ୍ଥର ଆଇନ୍ ଚଳେଇବାକୁ ଚେଷ୍ଟିତ, ସେମାନେ ଏ ଦେଶ ଛାଡ଼ି ଚାଲିଯାଇ ପାରନ୍ତି । ତାଙ୍କୁ କେହି ଅଟକେଇବେ ନାହିଁ । ଯେଉଁ ଦେଶରେ ସେମାନଙ୍କର ନିଜସ୍ୱ ନିୟମ ଚାଲୁଛି, ସେଇଠିକି ପଳେଇ ଯାଆନ୍ତୁ । ନିଜର ଯାହା ମନମାନି ଦେଖେଇବା କଥା ଦେଖାନ୍ତୁ , ଆମର କିଛି ଅସୁବିଧା ନାହିଁ । କିନ୍ତୁ ଏ ମାଟି ସହିତ ଟିକିଏ ବି ବେଇମାନି କରି, ମୌଳବାଦୀ ଚିନ୍ତାଧାରା ଆପଣେଇଲେ , କାହାରିକୁ ଛାଡ଼ି ଦିଆଯିବ ନାହିଁ । ବିଦେଶୀ ଅର୍ଥନୈତିକ ସହାୟତା ପାଇ ଯେଉଁମାନେ ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନ ଓ କିଛି ଅନୁଷ୍ଠାନ ଚଳେଇ ସନ୍ତ୍ରାସବାଦକୁ ପ୍ରୋତ୍ସାହନ ଦେଉଛନ୍ତି, ଯେଉଁମାନେ ସେମାନଙ୍କୁ ସାହାଯ୍ୟ ସମର୍ଥନ ଯୋଗାଡ କରିବାରେ ହାତ ବଢେଇ ଏ ଦେଶର କ୍ଷତି କରିବାକୁ ଚେଷ୍ଟା କରୁଛନ୍ତି, ସାବଧାନ । ଏ ଦେଶ ଛାଡ଼ି ସେମାନେ ଚାଲି ଯାଆନ୍ତୁ । ଗେଟ୍ ଲଷ୍ଟ । ଦେଶ ପାଇଁ କି ଚମତ୍କାର ଅନୁଚିନ୍ତା, ଭାବନା, ଦେଶଭକ୍ତି । ଖାସ୍ ପବିତ୍ର ଭାରତ ବର୍ଷରେ ପ୍ରତି ଭାରତୀୟଙ୍କ ହୃଦୟରେ ଏମିତି ଭାବନା ଉଦ୍ରେଗ ହୁଅନ୍ତା । ସେ ଯେଉଁ ଧର୍ମର ହେଉ, ଯେଉଁ ସଂପ୍ରଦାୟର ହେଉ, ଦେଶ ବିରୋଧୀ କାମ କରୁଥିବା ଅମଣିଷ ମାନଙ୍କୁ କଠୋରରୁ ଅତି କଠୋର ଦଣ୍ଡରେ ଦଣ୍ଡିତ କରାଯାଇ ପାରନ୍ତା ଯେତେ ଶିଘ୍ର ସମ୍ଭବ । ଜନ୍ମ ହେବ ଏହି ମାଟିରେ, ଖାଇବ,ବଢ଼ିବ ଏହି ମାଟିରେ, କିନ୍ତୁ ଗୁଣ ଗାଇବ ଆଉ କାହାର । ଯାହାର ଗୁଣ ଗାଉଛ , ଖୁଲମଖୁଲା ଜିନ୍ଦାବାଦ କରୁଛ, ସେହି ଦେଶକୁ ପଳାଅ, ଦେଖ, କି ଖୁସି ମିଳିବ ତମକୁ ସେ ମାଟିରେ । ଅମଣିଷ ପଶୁ । ଯିଏ ନିଜ ମାଆର ନୁହଁ, ମାଟିର ନୁହଁ, ସେ ଜୀବନରେ କାହାର ବି ହେଇ ପାରିବନି । ଉପରବାଲାଙ୍କ ନାମରେ ଡ୍ରାମା କରୁଛ । ନରହତ୍ୟା, ନିରିହ ମଣିଷ, ଶିଶୁକୁ ହତ୍ୟା କରିବା, ନାରୀ ସ୍ୱାଧୀନତା ଅପହରଣ କରି ଖେଳନା କରି ରଖିବା, ମଣିଷ ବୋମା ପ୍ରସ୍ତୁତ କରି ମାଆ ମାଟିର ଛାତିକୁ ରକ୍ତ ରଞ୍ଜିତ କରିବା କ'ଣ ଧର୍ମ, ମାନବିକତା, ମଣିଷପଣିଆ , ମାନବବାଦ ??? ପଚାର ନିଜ ବିବେକକୁ , ହୃଦୟକୁ ପଶୁ ଗୋଷ୍ଠୀ । ଯଦି ତମର ବିବେକ, ହୃଦୟ ବୋଲି କିଛି ଥାଏ, ଠିକ୍ ଉତ୍ତର ନିଶ୍ଚିତ ପାଇବ । ଭୋଟ୍ ପାଇଁ ତମକୁ ଯେଉଁମାନେ ସମର୍ଥନ କରୁଛନ୍ତି, ସେମାନେ ତ ଆହୁରି ହୀନ କାରଣ ପାପ କରିବା ଯେତିକି ଅପରାଧ, ପାପ କରିବା ପାଇଁ ସମର୍ଥନ ଯୋଗେଇବା ଆହୁରି ମାରାତ୍ମକ । ଯେଉଁମାନେ ବଡ଼ ପାଟିକରି କହୁଛନ୍ତି ଏ ଦେଶ କାହାରି ବୋପାର ନୁହଁ , ଥରେ ନିଜକୁ ପଚାର ଏ ଦେଶ କ'ଣ ତମ ବୋପାର ? ଏ ଦେଶ ଆମ ସମସ୍ତଙ୍କର ।ଏ ଦେଶର ମେରୁଦଣ୍ଡ ହେଉଛନ୍ତି ଏ ଦେଶର ଜନସାଧାରଣ । ସେମାନଙ୍କର ପରିଶ୍ରମ, ତ୍ୟାଗ, ତପସ୍ୟା , ଜ୍ଞାନ, ସେବା ମନୋଭାବ ଓ ଦେଶଭକ୍ତି ଏ ଦେଶକୁ ଆଗକୁ ନେବ । ଯେଉଁମାନେ ଧର୍ମ ନାମରେ ଅଯଥାରେ ବିଭିନ୍ନ ବିଭ୍ରାନ୍ତିକର ନୀତିନିୟମ ଲାଗୁ କରିବାକୁ ଚାହୁଁଛନ୍ତି ନିଜକୁ ସୁହାଇଲା ଭଳି, ତାହା ଆଗି ସମାଜ ପାଇଁ ଶୁଭଙ୍କର ଓ କଲ୍ୟାଣକାରୀ ନୁହଁ । ଧର୍ମ ନାମରେ ଛୋଟ ଛୋଟ ପିଲାଙ୍କୁ ଧର୍ମର ଅଫିମ ଖୁଆଇ, ବ୍ରେନ୍ ଧୋଇ ଦେଇ ସୁମଣିଷ କରି ଗଢି ହେବନି । ଯଦି କଅଁଳ ବୟସରେ ପିଲାଙ୍କୁ ଭୁଲ୍ ରାସ୍ତାରେ ନିଆଯାଏ, ତାହେଲେ ବଡ଼ ହେଲେ ସେହି ପିଲାମାନେ କେଉଁ ପଥର ପଥିକ ହେବେ, ସେ ବିଷୟରେ କହିବାର ଆବଶ୍ୟକତା ନାହିଁ । ଭଲ ମଣିଷ ହେବା ପାଇଁ ଧର୍ମର ଆବଶ୍ୟକତା ଅଛି କିନ୍ତୁ ତା ସହିତ ଶାରୀରିକ ଶିକ୍ଷା,ନୈତିକତା ଓ ଶୁଶିକ୍ଷା ଜରୁରୀ । କିନ୍ତୁ ଯେଉଁ ଶିକ୍ଷାନୁଷ୍ଠାନ ଗୁଡିକ ଧର୍ମ ଆଳରେ ଚାଲିଛି, ବିଦେଶୀ ଅନୁଦାନ ପାଇ ମଣିଷ ତିଆରି କାରଖାନାକୁ ସନ୍ତ୍ରାସବାଦର ଏନ୍ତୁଡ଼ିଶାଳ ଭାବରେ ବ୍ୟବହାର କରୁଛନ୍ତି, ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେବା ନିହାତି ଦରକାର । ସମଗ୍ର ଦେଶ ପାଇଁ ଗୋଟିଏ ପ୍ରକାର ପାଠପଢା ହେବା ଦରକାର । ସବୁ ଧର୍ମର ପବିତ୍ର ଗ୍ରନ୍ଥରୁ ବାଛି ବାଛି ଭଲକଥା ପଢାଗଲେ କିଛି ଅସୁବିଧା ହେବନି ବୋଲି ବିଶ୍ୱାସ । ପିଲାମାନେ କେମିତି ଭଲ ମଣିଷ ହେବେ, ଭବିଷ୍ୟତରେ ଏ ଦେଶକୁ ଠିକ୍ ବାଟରେ ନେଇ ପାରିବେ, ସେ ବିଷୟରେ ଶିକ୍ଷାବିତ, ନେତୃ ମଣ୍ଡଳୀ ଓ ବିଦ୍ୱାନ ମାନେ ଗଭୀର ଭାବରେ ଚିନ୍ତା କରିବାର ଆବଶ୍ୟକତା ରହିଛି ।

ଆମେରିକା, ପାକିସ୍ତାନ, ବାଙ୍ଗଲାଦେଶ, ମାଲେସିଆ, ତୁର୍କୀ, ଇଣ୍ଡୋନେସିଆ, ଆୟରଲ୍ୟାଣ୍ଡ, ଇଜିପ୍ଟ ପ୍ରଭୃତି ଦେଶ ବିଶ୍ୱରେ କମନ ସିଭିଲ୍ କୋଡ଼ ଲାଗୁ କରିଛନ୍ତି ନିଜ ଦେଶର ସୁରକ୍ଷା,ଶାନ୍ତି ଓ ସମାନତା ପାଇଁ । ୧୯୫୫ ରୁ ଆଜିଯାଏ ଭାରତରେ ନାଗରିକତା ଆଇନ୍ ରେ ଛଅଥର ପରିବର୍ତ୍ତନ ହେଲାଣି । ୧୯୮୬,୧୯୯୨,୨୦୦୩,୨୦୦୫, ୨୦୧୫ ଓ ୨୦୧୯ ରେ ଶେଷଥର ପାଇଁ ଆସିଥିଲା ପରିବର୍ତ୍ତନ ସଂସଦରେ । ଏହି ୨୦୧୯ ରେ ଯେଉଁ ପରିବର୍ତ୍ତନ ଆସିଲା , ସେଥିରେ, ଆଫଗାନିସ୍ତାନ, ପାକିସ୍ତାନ ଓ ବାଙ୍ଗଲାଦେଶରୁ ୩୧ ଡିସେମ୍ବର ୨୦୧୪ ପୂର୍ବରୁ ଯେଉଁ ହିନ୍ଦୁ,ଶିଖ, ଜୈନ, ବୌଦ୍ଧ,ପାର୍ଶି ଓ ଖ୍ରୀଷ୍ଟିଆନ ସଂପ୍ରଦାୟର ଲୋକମାନେ ଭାରତକୁ ଆସିଥିଲେ, ସେମାନଙ୍କୁ ନାଗରିକତା ଦେବା ପାଇଁ ନିଷ୍ପତ୍ତି ହୋଇଥିଲା ଗଣତନ୍ତ୍ରର ମନ୍ଦିର ସଂସଦରେ । କାରଣ ଏହି ସଂପ୍ରଦାୟର ଲୋକମାନଙ୍କର ଜୀବନ ଜୀବିକା ଧନସମ୍ପଦ ଧର୍ମ ଆଧାରରେ ସେହି ଦେଶ ମାନଙ୍କରେ ବିପଦରେ। ସେମାନଙ୍କ ସଂଖ୍ୟା କମି କମି, ହଜି ହଜି ଯାଉଥିବା ପଶୁ ପରି ଲୋପ ପାଇବା ଉପରେ । ଏହି ଘଟଣାକୁ ନେଇ କେତେ ଗଣ୍ଡଗୋଳ, ହଙ୍ଗମା ଘଟିଲା । ଘଟିଲା କି ଏମିତି କରାଗଲା ସେକଥା ପାଠକମାନେ ବିଚାର କରିବେ । ମୋର ଯାହା ମନେ ପଡୁଛି, ସେତେବେଳେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଗସ୍ତରେ ଥିଲେ । କିନ୍ତୁ ରାଜଧାନୀର ରାଜରାସ୍ତାରେ ଚାଲିଥିଲା ଟେକାପଥର ଫିଙ୍ଗା ଓ ପୋଡ଼ାଜଳା । ଆମ ଘରକୁ ଯଦି କେହି ଜଣେ ନାମିଦାମୀ ବ୍ୟକ୍ତି ଅତିଥି ଭାବରେ ଆସିଥାନ୍ତି ଆଉ ଆମେ ତାଙ୍କ ଆଗରେ ଘରେ ଝଗଡ଼ା ଲାଗିବା, ମାରପିଟ୍ ଲାଗିବା, ତାହେଲେ ସେ ମାନ୍ୟବର ଅତିଥି ଆମ ଘର ଉପରେ କେଉଁ ପ୍ରକାରର ଧାରଣା ନେଇ ଯିବେ ? କାହିଁକି ଏମିତି ପୋଡ଼ାଜଳା ଗଣ୍ଡଗୋଳ ଘଟିଲା , ମୋର ଅଧା ପାଠୁଆ ମୁଣ୍ଡରେ କିଛି ପଶୁନି । ଛଅଟି ବିପଦ ସଙ୍କୁଳ ସଂପ୍ରଦାୟର ଲୋକମାନଙ୍କୁ ଏ ଦେଶ ନାଗରିକତା ପ୍ରଦାନ କରାଯିବାକୁ ନେଇ ଏତେ ଗମ୍ଭୀର ପରିସ୍ଥିତି । ପାକିସ୍ତାନ, ଆଫଗାନିସ୍ତାନ ଓ ବାଙ୍ଗଲାଦେଶ ମୁସଲମାନ ବହୁଳ ଦେଶ । ସେହି ଦେଶ ମାନଙ୍କରେ ଅନ୍ୟ ସଂପ୍ରଦାୟର ଲୋକମାନେ ସୁରକ୍ଷିତ ଅନୁଭବ ନକରିବାରୁ, ବିକଳରେ ଏ ଦେଶକୁ ପଳେଇ ଆସିଥିଲେ । ସେହି ପଳେଇ ଆସିଥିବା ଲୋକମାନଙ୍କୁ ଏ ଦେଶ ସୁରକ୍ଷା ଦେଲେ, କିଛି ଲୋକଙ୍କର ହୃଦୟ ଜଳୁଛି କାହିଁକି । ମନେ ରଖିବା ଉଚିତ୍ ସେହି ଦେଶ ଗୁଡ଼ିକରେ ଯେଉଁମାନଙ୍କର ସଂଖ୍ୟା ଗରିଷ୍ଠତା ରହିଛି, ସେମାନେ ଏ ଦେଶକୁ ଆସିବାର କ'ଣ ଆବଶ୍ୟକତା ରହିଛି । ଉଦେଶ୍ୟ କ'ଣ । ସେମାନେ ତାଙ୍କ ଦେଶକୁ ଫେରିବାରେ ଅସୁବିଧା କେଉଁଠି ? ଅଯଥାରେ ସେମାନଙ୍କ ପାଇଁ ଏତେ ବାଦବିବାଦ କାହିଁକି । ସିଟିଜେନସିପ୍ ଆମେଣ୍ଡମେଣ୍ଟ ଏକ୍ଟ ନାଁ ଶୁଣିଲେ ମୁଣ୍ଡ ଖରାପ ହେଉଛି କିଛି ଲୋକଙ୍କର । କମନ ସିଭିଲ୍ କୋଡ଼ କଥା ଉଠିଲେ ଛାତି ଫାଟି ଯାଉଛି । କ'ଣ ପାଇଁ ? ଦେଶର ହିତ ପାଇଁ କ'ଣ ଏହା ଲାଗୁହେବା ଉଚିତ୍ ନୁହେଁ କି ? ଯାହା ଦେଶର ହିତରେ ଆସିବ, ତାକୁ ସମସ୍ତେ ସମର୍ଥନ କରିବା ଦରକାର । ଲକ୍ଷ ଲକ୍ଷ ସଂଖ୍ୟାରେ ଶରଣାର୍ଥୀ ଏ ଦେଶକୁ ବିଭିନ୍ନ ଉପାୟରେ ପଶି ଆସୁଛନ୍ତି ଜଳପଥ ସ୍ଥଳପଥ ଦେଇ । ଓଡିଶାର ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ଶରଣାର୍ଥୀ ମାନେ ଅନେକ ସଂଖ୍ୟାରେ ଖୋଲା ସରକାରୀ ଜାଗା ଅବା ଜଙ୍ଗଲ ଜମିରେ ବାସିନ୍ଦା ଭାବରେ ରହି ଆସୁଛନ୍ତି । ସେହି ମାନଙ୍କ ପାଇଁ ଅନେକ ଚୋରି ଡକାୟତି ରାହାଜାନୀ ଭଳି ଅପରାଧ ବଢୁଛି । ସେମାନଙ୍କ ବାସ୍ତବ ଉଦ୍ଦେଶ୍ୟ ଓ କାର୍ଯ୍ୟ ଉପରେ କାହାରି ସେତେଟା ନଜର ଥିଲାଭଳି ମନେ ହେଉନି । ସେମାନଙ୍କୁ ଏ ମାଟିରୁ ବିତାଡିତ କରିବା ବଦଳରେ,ରାଜନୈତିକ ବାଦାନୁବାଦ ଏ ସମସ୍ୟାକୁ ନେଇ । ରାଜନୈତିକ ଅଭିସନ୍ଧି ନେଇ ଆମେ ଯଦି ସେମାନଙ୍କୁ ଜ୍ୱାଇଁ ପୁଅର ସମ୍ମାନ ଦେଇ, ଆଧାର କାର୍ଡ,ରେସନ କାର୍ଡ,ଭୋଟର କାର୍ଡ ଯୋଗେଇ ଦେବା, ଆମ ଜମିରେ ସେମାନଙ୍କୁ ରହିବା ପାଇଁ ଅନୁମତି ଦେବା, ତାହେଲେ ସମୟ ଆସିବ ଏ ଦେଶର ପ୍ରକୃତ ଲୋକମାନେ ଶରଣାର୍ଥୀ ପାଲଟିଯିବେ ନିଜର ଭିଟା ମାଟିରେ । ବେଳ ଥାଉ ଥାଉ ସଜାଗ ସଚେତନ ହେବା ଦରକାର ନହେଲେ ଦେଶ ପାଇଁ ନିଶ୍ଚିତ ବିପଦ ଘନେଇ ଆସିବ ।ସମୟ ଥିଲା ଯେତେବେଳେ ଆଫଗାନିସ୍ତାନରେ ହିନ୍ଦୁ, ଶିଖ୍ ମାନଙ୍କର ସଂଖ୍ୟା ଗରିଷ୍ଠତା ଥିଲା । ମାତ୍ର ସମୟ ଚକ୍ରରେ ସେ ଦେଶରେ ଏବେ ଅନେଶତ ଭାଗରୁ ଅଧିକ ଗୋଟିଏ ସଂପ୍ରଦାୟର । ହିନ୍ଦୁ ଶିଖ୍ ବୌଦ୍ଧ ଧର୍ମର ଲୋକମାନେ କୁଆଡେ ହଜିଗଲେ ? ଏହା ପଛରେ କାରଣ କ'ଣ ସବୁ । ସେ ଦେଶରେ ଏବେ କେଉଁ ପ୍ରକାରର ଅବସ୍ଥା, ସେ ବିଷୟରେ ସମସ୍ତେ ଅବଗତ । ପବିତ୍ର ଭାରତ ବର୍ଷରେ ସେମିତି କିଛି ନଘଟୁ ସେଥିପାଇଁ ସମସ୍ତେ ସଚେତନ ହେବା ଦରକାର । ସବୁ ଧର୍ମ ଭିତରେ ସମନ୍ୱୟ ରଖି , ସବୁ ଧର୍ମ ପାଇଁ ଗୋଟିଏ ନିୟମ ପ୍ରଣୟନ ଓ ପ୍ରଚଳନ ହେଲେ, ଏ ଦେଶର ଭବିଷ୍ୟତ ପିଢ଼ି ପାଇଁ ମଙ୍ଗଳମୟ ହେବ । ଆମେ ସବୁବେଳେ ମନେ ରଖିବା ସର୍ବୋପରି ଦେଶର ସଂସ୍କୃତି, ଶାନ୍ତି ଓ ସୁରକ୍ଷା କଥା ଚିନ୍ତା କରିବା ଆମ ପାଇଁ ଶ୍ରେୟସ୍କର । ସମଗ୍ର ଦେଶ ପାଇଁ ଜାତି ଧର୍ମ ବର୍ଣ୍ଣ ସମ୍ପ୍ରଦାୟର ଉପରକୁ ଯାଇ କେବଳ ଗୋଟିଏ ନିୟମ ରହିବା ଜରୁରୀ । ଫେବୃଆରୀ ମାସ ସାତ ତାରିଖ,୨୦୨୪ ରେ କମନ ସିଭିଲ୍ କୋଡ଼ ଉପରେ ଉତ୍ତରାଖଣ୍ଡ ସରକାରଙ୍କ ନିଷ୍ପତ୍ତି ନିଶ୍ଚିତ ସ୍ୱାଗତଯୋଗ୍ୟ ଯାହା ଭାରତର ପ୍ରଥମ ରାଜ୍ୟ ହେବାକୁ ଯାଉଛି ଭାରତରେ ସମାନ ଆଇନ୍ ସଂହିତା ଲାଗୁ କରିବାରେ । ଭାରତର ସବୁ ରାଜ୍ୟ ସବୁ ପ୍ରକାର ରାଜନୈତିକ ବାଦାନୁବାଦ ଭୁଲି ସମାନ ଆଇନ୍ ସଂହିତା ଲାଗୁ କରିବା ଠିକ୍ ହେବ ବୋଲି ମନେହୁଏ । ଏ ଦେଶ ବସୁଧୈବ କୁଟୁମ୍ବକମ୍ ରେ ବିଶ୍ୱାସ କରେ । ଭାରତର ସମ୍ବିଧାନ ପରା କୁହେ, ନିଜେ ଜିଇଁବା ସହିତ ଅନ୍ୟକୁ ଜିଇଁବାକୁ ଦିଅ । ତେଣୁ ଏ ଦେଶର ଲୋକମାନେ ଆଗ ଭଲରେ ଶାନ୍ତିରେ ରହିବା ପାଇଁ ଯେଉଁ ନିୟମ ଦରକାର, ତାହା ଶିଘ୍ର ଉତ୍ତରାଖଣ୍ଡ ରାଜ୍ୟ ପରି ଦେଶସାରା ଲାଗୁହେବା ଅତ୍ୟନ୍ତ ଜରୁରୀ । ଇଦ୍ ସହିତ ଦୀପାବଳି, ହୋଲି ସହିତ ବଡ଼ଦିନ, ବୁଦ୍ଧ ପୂର୍ଣ୍ଣିମା ସହିତ ସବୁ ଧର୍ମର ପର୍ବପର୍ବାଣି ପାଳନ ହେଉ ଖୁବ୍ ସୁନ୍ଦର ଭାବରେ , ସମସ୍ତେ ଖୁସିରେ ରୁହନ୍ତୁ ଓ ଗିର୍ଟ ଓ୍ୱାଇଲଡର୍ସଙ୍କ ପରି ମନୋଭାବ ପୋଷଣ କରନ୍ତୁ ଯାହା ଦ୍ୱାରା ଏ ଦେଶ ସୁରକ୍ଷିତ ରହି ପାରିବ ଓ ନିଜର ମହାନତାକୁ ବଜାୟ ରଖି ପାରିବ ସବୁଦିନ ପାଇଁ ।

ଭାରତ ମାତା କି ଜୟ
ବନ୍ଦେ ମାତରଂ ??

*ବାସୁଦେବପୁର,ଭଦ୍ରକ*
*ଦୂରଭାଷ ୯୪୩୭୩୨୦୩୫୦*

# ଓଡ଼ିଆ ଭାଷା ସମ୍ମିଳନୀରେ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ



ବାଦଲ ଭୂୟାଁ

ଓଡ଼ିଆ ଭାଷା ହେଉଛି ଏକ ପ୍ରାଚୀନ ଭାଷା। ଆମ ରାଜ୍ୟର ସଂସ୍କୃତି, ଐତିହ୍ୟ, ପରମ୍ପରା ଆଜି ସାରା ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜିତ ହୋଇଯାଇଛି ତେବେ କେବଳ ସମ୍ମିଳନୀରେ ଯୋଗ ଦେଇଥିବା ଦର୍ଶକ ବା ଅତିଥି ନୁହଁନ୍ତି କୋଟି କୋଟି ଓଡ଼ିଆଙ୍କ ଅପେକ୍ଷା ଥିଲା ଯେ ସେମାନଙ୍କର ଅତି ପ୍ରିୟ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ ଉନ୍ମୋଚିତ ହେବାକୁ ନେଇ। ଅତି ଚମତ୍କାର ତଥ୍ୟଭିତ୍ତିକ ଓ ଉନ୍ନତ ପରିପାଟୀର ଆକର୍ଷଣୀୟ ସ୍ୱଭାବ ମଣ୍ଡିତ ଏହି ଦୁଇଟି ପତ୍ରିକା ଉନ୍ମୋଚିତ ହୋଇଛି। ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରକାଶିତ ଏହି ଦୁଇଟି ପତ୍ରିକାକୁ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଉନ୍ମୋଚନ କରି ୧୯୪୪ ମସିହାରୁ ଏହି ଦୁଇଟି ପତ୍ରିକା ନିରବଚ୍ଛିନ୍ନ ଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର କରି ଆସୁଛି। ଏହି ସ୍ୱତନ୍ତ୍ର ସଂଖ୍ୟା ଆଗାମୀ ପିଢ଼ୀକୁ ମାତୃଭାଷା ପ୍ରତି ସଚେତନ କରିବା ସହ ଉପାଦେୟ ଓ ସଂଗ୍ରହଣୀୟ ହେବ। ଏହି ପତ୍ରିକାଟି ବିଭାଗୀୟ ଓ୍ୱେବସାଇଟରେ ପାଠକ ମାନଙ୍କ ନିମନ୍ତେ ଉପଲବ୍ଧ ହେଉଥିବାବେଳେ ଓଡ଼ିଆ ଭାଷାବାସୀଙ୍କ ସୁବିଧା ପାଇଁ ଦେଶ ବିଦେଶରେ ରହୁଥିବା କୋଟି କୋଟି ଓଡ଼ିଆଙ୍କ ନିମିତ୍ତ ରାଜ୍ୟ ସରକାର ଏଭଳି ବ୍ୟବସ୍ଥା କରିଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ଅଧ୍ୟକ୍ଷ ତଥା ଓଡ଼ିଶା ବିଜେଡ଼ିର ଜଣେ ପ୍ରମୁଖ ଗଣମାଧ୍ୟମ ବ୍ୟକ୍ତିତ୍ୱ ଲେଲିନ ମହାନ୍ତି କହିଲେ ଯେ ଏହି ଦୁଇ ପତ୍ରିକାରେ ଓଡ଼ିଶାର ଭାଷା ସାହିତ୍ୟ ନେଇ ବହୁ ଦୁଷ୍ପ୍ରାପ୍ୟ ଓ ଉପାଦେୟ ତଥା ପୁରାତନ ଆଲେଖ୍ୟ ସ୍ଥାନ ପାଇଛି। ଯାହାଦ୍ୱାରା ଗବେଷକ ଓ ଛାତ୍ରଛାତ୍ରୀମାନେ ଆଧୁନିକ ଓଡ଼ିଆ ଭାଷା ସାହିତ୍ୟର କ୍ରମ ବିକାଶ ସମ୍ପର୍କରେ ଅବଗତ ହୋଇପାରିବେ। ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦିକା ଏହି ପତ୍ରିକା ରାଜ୍ୟବାସୀଙ୍କ ପାଖରେ ନିଜର ସ୍ୱତନ୍ତ୍ର ପାଠକୀୟ ପରିଚିତି ରଖିପାରିଛି ବୋଲି ମତବ୍ୟକ୍ତ କରି ସ୍ୱାଧୀନତା ପୂର୍ବରୁ ରାଜ୍ୟ ସରକାରଙ୍କ ମୁଖପାତ୍ର ଭାବେ ଏହା ପ୍ରକାଶ ହୋଇ ଆସୁଛି ବୋଲି ସୂଚନା ଦେଇଥିଲେ। ବାସ୍ତବିକ ଏହି ଦୁଇଟି ପତ୍ରିକା ସ୍ୱାଧିନତା ପୂର୍ବବର୍ତ୍ତୀ ସମୟରେ କମ୍ବୋଜ ଯୁଗ ବେଳେ ଯେଉଁ ତଥ୍ୟ ବ୍ୟବସ୍ଥା ରଖିଥିଲା ତାହା ଏବେ ପରିବର୍ତ୍ତିତ ବିଶ୍ୱ ଖବର ବା ଜାତୀୟ ଖବର ଭାବେ ପ୍ରକାଶିତ ହୋଇଆସୁଛି। ଉତ୍କଳ ପ୍ରସଙ୍ଗର ଏହି ସଂଖ୍ୟାରେ ୧୯ଟି ନିବନ୍ଧ ଓ ଓଡ଼ିଶା ରିଭ୍ୟୁରେ ୨୭ଟି ନିବନ୍ଧ ସ୍ଥାନ ପାଇଛି। ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ କହିଲେ ଯେ ଓଡ଼ିଆ ଭାଷା ୨୦୦୦ ବର୍ଷରୁ ଅଧିକ ପୁରାତନ। ଏହାର ସମୃଦ୍ଧି ପାଇଁ ଅନେକ ସାରସ୍ୱତ ସାଧକଙ୍କ ଅବଦାନ ସ୍ୱୀକୃତ। ଆଜିର ଏ ଭାଷା ସମ୍ମିଳନୀ ସେମାନଙ୍କୁ ସମ୍ମାନ ଜଣାଇବା ପାଇଁ ପ୍ରକୃଷ୍ଟ ଅବସର। ଓଡ଼ିଶା ସରକାରଙ୍କ ନିଜସ୍ୱ ପ୍ରସ୍ତୁତିରେ ସରକାର ଭାବେ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ ପ୍ରତି ମାସରେ ପ୍ରକାଶିତ ହେଉଛି। ଏହା କେବଳ ସରକାରଙ୍କ ପ୍ରଚାରଧର୍ମୀ ଭାବିବା ଠିକ ନୁହେଁ। ଏହି ଦୁଇଟି ପତ୍ରିକା ତଥ୍ୟଭିତ୍ତିକ ଓ ସଂଗ୍ରହଣୀୟ ହେବା ସହ ଏହା ଅତ୍ୟନ୍ତ ସ୍ୱଳ୍ପ ମୂଲ୍ୟରେ ବଜାରରେ ଉପଲବ୍ଧ। ପାଠକମାନେ ଡାକ ମାଧ୍ୟମରେ ମଧ୍ୟ ମଗାଇ ପାରୁଛନ୍ତି ଏବଂ ଏହାର ଡିଜିଟାଲ ବ୍ୟବସ୍ଥା ମଧ୍ୟ ରହିଛି। ବର୍ଷର ବିଭିନ୍ନ ସମୟରେ ଓଡ଼ିଶାର ପର୍ବପର୍ବାଣୀ, ଯାନିଯାତ୍ରା, ସ୍ୱତନ୍ତ୍ର ଦିବସ, ଇତିହାସ, ସଂସ୍କୃତି, ମହାପୁରୁଷଙ୍କ ଜୀବନ, ଆଧ୍ୟାତ୍ମିକ ବିଚିତ୍ରା, କୃଷି, ମହିଳା, ଶିକ୍ଷା, ବିଜ୍ଞାନ, ଆଇନ, କ୍ରୀଡ଼ାପରି ଅନେକ ପ୍ରସଙ୍ଗ ଉପରେ ଏହାର ସ୍ୱତନ୍ତ୍ର ସଂଖ୍ୟା ମଧ୍ୟ ପ୍ରକାଶିତ ହୋଇଥାଏ ଯାହାକି କେବଳ ପାଠକ ମାନଙ୍କ ପାଇଁ ନୁହେଁ ଗବେଷକ ଓ ଶିକ୍ଷାନୁରାଗୀଙ୍କ ପାଇଁ ମୂଲ୍ୟବାନ ସାବ୍ୟସ୍ତ ହୋଇଥାଏ। ଏହାର ସମ୍ପାଦନା ଶୈଳୀ ଅତ୍ୟନ୍ତ ବ୍ୟବସ୍ଥିତ ଓ ଚମତ୍କାର। ପୁରୀ ରଥଯାତ୍ରା, ଦଶହରା, ବାଲିଯାତ୍ରା ଓ ସରକାରଙ୍କ ସ୍ୱତନ୍ତ୍ର ଦିବସରେ କେତେକ ସ୍ଥାନରେ ଏହା ବିନା ମୂଲ୍ୟରେ ପ୍ରଦାନ କରାଯାଏ। ବଡ଼ ଆଶ୍ଚର୍ଯ୍ୟର କଥା ଏହା ଅତି ସ୍ୱଳ୍ପ ମୂଲ୍ୟରେ ବିକ୍ରି ହେଉଥିବାବେଳେ ଏଥିରେ ବିଜ୍ଞାପନ ପ୍ରାୟତଃ ନଥାଏ। ସୂଚନାଧର୍ମୀ ଓ ତଥ୍ୟଭିତ୍ତିକ ଏହି ପତ୍ରିକା ଏପରି ଅନେକ ଉପାଦେୟ ତଥ୍ୟ ସନ୍ନିବେଶିତ ହୋଇଥାଏ ଯାହାକି ଗବେଷଣା ପ୍ରସ୍ତୁତ ଲେଖା। ଜଣେ ପ୍ରବାସୀ ଓଡ଼ିଆ ଭାବେ ଏହି ଦୁଇଟି ପତ୍ରିକା ମୁଁ ମୋ ଛାତ୍ର ଜୀବନରୁ ପଢ଼ି ଆସୁଛି। ଏଥିରେ ଅନେକ ଲେଖା ଗୁଡ଼ିକ ମୋ ପାଠପଢ଼ା ବେଳେ ଉପଯୋଗୀ ସାବ୍ୟସ୍ତ ହୋଇଛି। ଓଡ଼ିଶାର କେବଳ ସରକାରଙ୍କ ମୁଖପତ୍ର ନୁହେଁ ଜନଗଣଙ୍କ ମୁଖପତ୍ର ହୋଇ ଏହି ଦୁଇଟି ପତ୍ରିକା ନିଜ ଜୟଯାତ୍ରା ଆଗେଇ ନିଅନ୍ତୁ ଓଡ଼ିଶାର ଘରେ ଘରେ ଏହା ପହଞ୍ଚୁ ଏହି ଶୁଭ କାମନା ଜଣାଉଛି।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫*

# ଶଙ୍କରାଚାର୍ଯ୍ୟଙ୍କୁ ସନ୍ତୋଷ କରାଯାଉ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ସୃଷ୍ଟିରେ ଶ୍ରେଷ୍ଠ ଓ ମନୁଷ୍ୟ ଗଣରେ ଶ୍ରେଷ୍ଠ ଏମିତି ଶାସ୍ତ୍ରରେ ଉକ୍ତି ଅଛି ଯାହା ଯେ ଜ୍ଞାନୀ ସେ ବୁଝିପାରନ୍ତି। ଏହି ସୃଷ୍ଟିର ସ୍ରଷ୍ଟା ବ୍ରହ୍ମାଙ୍କ ସୃଷ୍ଟି ରହସ୍ୟ ଭଲ ଭାବରେ ସାଧନାରେ ସିଦ୍ଧ ହେଉଛନ୍ତି। ବ୍ରହ୍ମର୍ଷି, ବେଦଶାସ୍ତ୍ରକୁ ଚର୍ଚ୍ଚିତ ଚର୍ବଣ ସେ ନିତ୍ୟ କରିବାରେ ହେଳା କରନ୍ତି ନାହିଁ। ସୃଷ୍ଟିର କାଳଗତି ଧାରାକୁ ସେ ଉପଦେଶ ଆଦେଶ ଦେଇ ଠିକ ପଥରେ ନେଇପାରନ୍ତି।

ଏକ ସଭାରେ ସଭାପତି ରହନ୍ତି। ଏକ ବିଶ୍ୱବିଦ୍ୟାଳୟରେ କୁଳପତି ରହନ୍ତି। ଦେଶରେ ଦେଶକୁ ଏକ ସଭା ଭାବିଲେ ଏହାର ସଭାପତି ଯେ ସେ ରାଷ୍ଟ୍ରପତି ରୂପେ ଚିହ୍ନଟ। ଯେ କୌଣସି ଦଲିଲ ଦେବା ପାଇଁ ଗୁରୁତ୍ୱପୂର୍ଣ୍ଣ ଭାବରେ କାର୍ଯ୍ୟ କରିବା ପାଇଁ ତାଙ୍କର ଦସ୍ତଖତ ନିହାତି ଦରକାର। ଏମିତି ପାର୍ଲାମେଣ୍ଟ ବା ଅସେମ୍ବ୍ଲିରେ ସଭାପତି ସ୍ପିକର ଯେ ଏକ ପ୍ରକାର ବ୍ରହ୍ମା, ସେମିତି ଯଜ୍ଞରେ ଜଣେ ବ୍ରହ୍ମା ରହନ୍ତି। ଆମ ହିନ୍ଦୁ ସନାତନ ଧର୍ମରେ ଶଙ୍କରାଚାର୍ଯ୍ୟ ପରମ୍ପରାରେ ଚାରି ଜଣ ଶଙ୍କରାଚାର୍ଯ୍ୟ ରହିଛନ୍ତି। ଯେ ବେଦଙ୍କ ସହିତ ବର୍ତ୍ତମାନର ବ୍ୟବହାରିକ ପରମ୍ପରାରେ ଦିଗଦ୍ରଷ୍ଟା ଯେପରି ସୀମା ଧାର୍ଯ୍ୟରେ ଦିଗପାଳ ଦିଗହସ୍ତୀ ଅଛନ୍ତି ସେହିପରି ଭାରତ ବର୍ଷକୁ ବିଭିନ୍ନ ଦିଗରେ ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣରେ ଏମାନେ ରହି ଭାରତକୁ ଧର୍ମ ସମ୍ବନ୍ଧରେ ରକ୍ଷା କରୁଛନ୍ତି। ରାଜଧର୍ମ ରକ୍ଷା ପାଇଁ ସଦା ଚେଷ୍ଟା କରି ଆସୁଛନ୍ତି। ତାଙ୍କ ମାର୍ଗରେ ରାଜଶକ୍ତି ଚଳିଲେ ଦେଶକୁ ସୁସ୍ଥ ନିଷ୍ଠେ ଶାସନରେ ଗୁରୁ ସଂପୃକ୍ତି ଥିଲା। ସନ୍ଦିପନୀ, ବଶିଷ୍ଠ, ବିଶ୍ୱାମିତ୍ର ଅଗସ୍ତୀ ଶରଭଙ୍ଗ ଆଦିଥିଲେ ସେପରି ଅଶୋକ ସମ୍ରାଟଙ୍କ ବେଳେ ବୌଦ୍ଧଧର୍ମର ଗୁରୁ ମଧ୍ୟରେ ଉପଗୁପ୍ତ ଥିଲେ, ଜୈନଧର୍ମ ବେଳେ ଶ୍ରୀ ଚୈତନ୍ୟଦେବ ଥିଲେ ଏହି ମାର୍ଗକୁ ଏବେ ବି ରାଜଶକ୍ତି ନଛାଡ଼ନ୍ତୁ। ଅର୍ପଣ ବେଳେ କୈକେୟୀ ଦଶରଥଙ୍କୁ ତାଙ୍କର କରିଥିବା ସତ୍ୟକୁ ଉପସ୍ଥାପିତ କରିବାରୁ ରାମଙ୍କର ବନଗମନ, ଦଶରଥଙ୍କର ଦୁଶ୍ଚିନ୍ତାରୁ ଅକାଳ ବିୟୋଗ, ଏପରିସ୍ଥଳେ ରାଜସିଂହାସନ ରାଜାଶୂନ୍ୟ, ଯେତେ ମନ୍ତ୍ରୀ ମହାମନ୍ତ୍ରୀ ସଚିବ ଥାଆନ୍ତୁ କାହିଁକି ଏମାନେ ସିଂହାସନରେ ଯୋଗ୍ୟ ବ୍ୟକ୍ତିକୁ ପାଇନାହାଁନ୍ତି। ଏତେବେଳେ ଦାୟିତ୍ୱ ଆସିଲା। ବଶିଷ୍ଠଋଷିଙ୍କର ଯେ ଉତ୍ତମ ବ୍ରାହ୍ମଣ କୁଳରେ ଜନ୍ମ ଧୈର୍ଯ୍ୟର ପ୍ରତ୍ୟକ୍ଷ ଅବତାର ତାର ପୁତ୍ରଗଣଙ୍କୁ ହତ୍ୟା କରାଯାଇଛି ସେ ଦୁଃଖରେ ସେ ମ୍ରିୟମାଣ ନହୋଇ ବି ସ୍ଥିର ରହିଥିଲେ। ସେ ବ୍ରହ୍ମବିଦ୍ୟାର ତତ୍କାଳ ଶ୍ରେଷ୍ଠ ଯୋଗ୍ୟତମ ବ୍ୟକ୍ତି ରାଜମହଲ ଛାଡ଼ି ରାଜକୁମାର ଶ୍ରୀରାମ ତାଙ୍କ ଅନ୍ୟ ଭାଇଙ୍କ ସହିତ ପାଠପଢୁଥିଲେ। ଅଯୋଧ୍ୟାର ସେ କୁଳଗୁରୁ। ବଶିଷ୍ଠ ଥିଲେ ବ୍ରହ୍ମର୍ଷି, ତତ୍କାଳ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାବରେ ଥିଲେ ରାଜର୍ଷି ବିଶ୍ୱାମିତ୍ର। ହେଲେ ବ୍ରହ୍ମର୍ଷି ହେଉଛନ୍ତି ପଦବୀ ଯୋଗ୍ୟଙ୍କର ପରୀକ୍ଷକ, ରାଜର୍ଷି ବିଶ୍ୱାମିତ୍ରଙ୍କୁ ବ୍ରହ୍ମର୍ଷି ପଦବୀ ଦେବାରେ ସେ ସର୍ବଦା ନାସ୍ତିରେ ଥିଲେ।

ଏଇ ସଙ୍କଟକାଳରେ ବଶିଷ୍ଠ ହିଁ ଉପାୟ ଭାବି ରଥ ପଠାଇ ଭାରତଙ୍କୁ ମାମୁଁ ଘରୁ ଆଣିବା ବ୍ୟବସ୍ଥା କରିଥିଲେ। ଭାରତଙ୍କୁ ମାମୁଁ ଘରୁ ଅଣାଇ ଅଯୋଧ୍ୟାର ଶୂନ୍ୟ ସିଂହାସନରେ ଅଧିଷ୍ଠିତ କରାଇଥିଲେ। ଅତଏବ ଏଥିରୁ ଜଣାଯାଇଛି ସମୟ ଆତଙ୍କ ବେଳେ ଦାୟିତ୍ୱ ବ୍ରହ୍ମର୍ଷି ମାନଙ୍କର ସେ ରାଜା ବାଛିବା ଦଳପତି ବାଛି ଶାସନକୁ ସୁଦୃଢ଼ କରିପାରନ୍ତି। ଏଇ ଭାରତରେ ବେଦ ସଂସ୍କୃତି ଅଛି। ପୌରାଣିକ ସଂସ୍କୃତି ଅଛି। ଦେ ସଂସ୍କୃତି ସହିତ ବ୍ରହ୍ମର୍ଷିଜଡ଼ିତ। ପୌରାଣିକ ସଂସ୍କୃତି ସହ ଅନ୍ୟ ଋଷି ଜଡ଼ିତ। ଋଷି କହିଲେ ଶ୍ରୁତର୍ଷି, କାଣ୍ଡର୍ଷି, ପରମର୍ଷି, ମହର୍ଷି, ରାଜର୍ଷି, ବ୍ରହ୍ମର୍ଷି, ଦେବର୍ଷିଙ୍କୁ ସ୍ତର ସ୍ତର ଅତିକ୍ରମ ଆସିଥିବା ଋଷି ଏ ମଧ୍ୟରେ ବ୍ରହ୍ମର୍ଷି ମାନବୀୟ ଧର୍ମର ଶ୍ରେଷ୍ଠ ଋଷି। ଆମର ଶଙ୍କରାଚାର୍ଯ୍ୟଙ୍କର ହାତରେ ଦଣ୍ଡ ଅଛି ସେ ପ୍ରକୃତରେ ଆୟୁଧ, ଏହା ଧର୍ମଦଣ୍ଡ। ଧର୍ମକୁ ଧରି ରଖିବା ତାଙ୍କର ଧର୍ମ। ଧର୍ମରେ ପରମ୍ପରାରେ ସେ ଶ୍ରେଷ୍ଠ। ରାମ ରାଜା ହେଲେ ବି ରାଜର୍ଷିମାନଙ୍କ ମଧ୍ୟରେ ଜଣେ ତାଙ୍କର ଅନେକ ପ୍ରକାର ପ୍ରଜାନୁପାଳନ ଥିଲା ପ୍ରଜା କହିଲେ କେବଳ ସାଧାରଣଣ ଜନତାଙ୍କୁ ବୁଝାଏ ନାହିଁ। ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ, ଶୁଦ୍ର ଏଇ ଚାରି ବର୍ଣ୍ଣଙ୍କୁ ଛତିଶ ପାଟକ । ଏହାବାଦ ଅନ୍ୟ ଜାତି, ପାଟକ ଆର୍ଯ୍ୟ ଦେଶୀୟ ବିଦେଶୀୟ ପଶୁପକ୍ଷୀ, ବୃକ୍ଷଲତା, ଜଳ ସ୍ଥଳ ଆକାଶଚାରୀ ତାଙ୍କର ପ୍ରଜା। ଏଇ ଋଷିଗଣ ମଧ୍ୟ ତାଙ୍କର ଶାସନ ସହଯୋଗୀ। ତାଙ୍କର ସମ୍ମାନ ଦେବାରେ ବଶିଷ୍ଠ କେବଳ ନୁହଁନ୍ତି ଅନେକ ଅନ୍ୟ ଋଷି ଜଡ଼ିତ ଥିଲେ। ରାଜର୍ଷି ବିଶ୍ୱାମିତ୍ର ତାଙ୍କର ଅସ୍ତ୍ର ଶିକ୍ଷାର ଗୁରୁ ବିଶ୍ୱାମିତ୍ର ତାଙ୍କର ବିଦ୍ୟାର ପରକାଷ୍ଠା ଦେଖାଇବାରେ ଅନ୍ୟତମ। ଶ୍ରୀରାମଙ୍କ ଚାରି ଭାଇଙ୍କୁ ସେ ବିବାହ ପାଇଁ ବ୍ୟବସ୍ଥା କରିଥିଲେ। ତତ୍କାଳ ରାକ୍ଷସୀ ଶକ୍ତି ମାନଙ୍କୁ ନିପାତ ପାଇଁ ଉପାୟ ସ୍ଥିର କରି ଶ୍ରୀରାମଙ୍କ ଦ୍ୱାରା ବି କାର୍ଯ୍ୟ ସମ୍ପାଦନ କରିଛନ୍ତି ସେ ଶ୍ରୀରାମଙ୍କୁ ଏକ କ୍ଷୁଦ୍ର ରାଜ୍ୟର ରାଜାନୁହଁ ବ୍ୟାପକ ବିଶ୍ୱର ରାଜା ରୂପେ ପ୍ରତିଷ୍ଠା କରାଇଛନ୍ତି। ଶ୍ରୀରାମ ରାଜସଭାରେ ଅନେକ ଋଷି ପାରିଷଦ ଥିଲେ। ଏହା ବାଦ ବନବାସୀ ରାମ କେତେ ଋଷି ମୁନୀଙ୍କର ଆଶ୍ରମ ଯାଇନାହାଁନ୍ତି। ଋଷିଙ୍କୁ ସମ୍ମାନଦେବା ବ୍ୟକ୍ତିଙ୍କ ପ୍ରାଣ ପ୍ରତିଷ୍ଠାରେ ଶଙ୍କରାଚାର୍ଯ୍ୟଙ୍କୁ ଅସନ୍ତୋଷ କରାଯିବା କେବେ ଠିକ ନୁହଁ। ଏହାର ପ୍ରାୟଶ୍ଚିତ ପ୍ରତିକାର କରାଯିବା ଦରକାର। ପୁଣି ଖୋଦ ଶଙ୍କରାଚାର୍ଯ୍ୟ ମହତ୍ମାମାନେ ନିଜେ ଏ ପ୍ରତିକାରର ଉତ୍ସ ହେବା ଦରକାର।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩




# ଧାନ ଫସଲର କୀଟ ପରିଚାଳନା

କୃଷି ଓଡ଼ିଶାର ଅର୍ଥନୀତିର ମାପକାଠି ରୂପେ ବିବେଚନା କରାଯାଉଥିବା ବେଳେ ଏହାର ଜଳବାୟୁ ଅନୁସାରେ ଅଧିକାଂଶ ଲୋକ ଧାନ ଚାଷ ଉପରେ ନିର୍ଭରଶୀଳ। ମୁଖ୍ୟତଃ ୭୦ ଭାଗ ଲୋକ ଚାଷବାସ ଉପରେ ନିର୍ଭର କରନ୍ତି। ଓଡ଼ିଶାର ବିଭିନ୍ନ ଋତୁରେ ବିଭିନ୍ନ ଚାଷ କରାଯାଇଥିଲେ ହେଁ ଧାନ ମୁଖ୍ୟ ଚାଷ ଅଟେ। ମୁଖ୍ୟତଃ ଖରିଫ ଋତୁର ଆରମ୍ଭରେ ଧାନ ଚାଷ କରାଯାଇଥାଏ, ପରନ୍ତୁ ଧାନ ଚାଷର କେତେକ କ୍ଷତିକାରକ କୀଟ ଏହାର ଉତ୍ପାଦନରେ ହ୍ରାସ କରାଇଥାଏ। ବର୍ତ୍ତମାନ ସମୟରେ ଧାନ ଫସଲରେ କୀଟ ପରିଚାଳନା ଏକ ମୁଖ୍ୟ ଚିନ୍ତା ଭାବେ ଉଭା ହୋଇଛି। ତେବେ ଆସନ୍ତୁ ନଜର ପକେଇବା ଧାନ ଫସଲର ପ୍ରମୁଖ କୀଟମାନଙ୍କ ଉପରେ...



ପ୍ରସ୍ତୁତି- **ଡ଼ି ଶୁଭମ୍**
ସଂଯୋଜକ, କୃଷି ଦୁନିଆ



**ଚକଡା ପୋକ-** ଧାନ ର ଏକ ପ୍ରମୁଖ ଉତ୍ପାଦନ ହ୍ରାସକାରୀ କୀଟ ଭାବେ ଚକଡା ପୋକ ବେଶ ଜଣାଶୁଣା। କୃଷି ବିଜ୍ଞାନରେ ଏହାକୁ 'ବ୍ରାଉନ ପ୍ଲାଣ୍ଟ ହୋପର' ବୋଲି କୁହାଯାଏ। ତେବେ ଚକଡା ପୋକ ମୁଖ୍ୟତଃ ତିନୋଟି ସ୍ତର ଦେଇ ଗତି କରିଥାଏ-ଅଣ୍ଡା-ଅର୍ଭକ-ପୂର୍ଣ୍ଣାଙ୍ଗ କୀଟ। ପୂର୍ଣ୍ଣାଙ୍ଗ କୀଟ ଦେଖିବାକୁ ମାଟିଆ ରଙ୍ଗର ସ୍ତ୍ରୀ କୀଟଟି ୫ମି.ମି ଲମ୍ବା ହୋଇଥିବା ବେଳେ ପୁରୁଷ କୀଟଟି ୪-୪.୫ ମି.ମି ଭିତରେ ଲମ୍ବାଥାଏ। ପତ୍ର ର ମଝି ଭାଗରେ ଅଣ୍ଡା ଗୁଡିକ ଦେଖାଯାଏ (୨-୧୨) ଅଣ୍ଡା ଟି ଧଳା ଓ ବଙ୍କା ଆକୃତିର ହୋଇଥାଏ। ସମ୍ପୂର୍ଣ୍ଣ ଜୀବନ ଚକ୍ର ୧୮-୨୨ ଦିନ ଭିତରେ ଶେଷ ହୋଇଥାଏ।

ଲକ୍ଷଣ- ଏହାର ପୂର୍ଣ୍ଣାଙ୍ଗ କୀଟଟି ଗଛର ତଳ ଭାଗର ରସକୁ ଶୋଷି ଶୋଷି ଖାଇଯାଇଥାଏ। ଖାଇବା ସମୟରେ ଏହା ଏକ ବିଷାକ୍ତ ପଦାର୍ଥ ନିର୍ଗତ କରିଥାଏ। ଯାହା ଫଳରେ (ହୋପର ବର୍ନ) ଲକ୍ଷଣ ଦେଖାଯାଇଥାଏ। ପତ୍ର ଗୁଡିକ ହଳଦିଆ ପଡିଯିବା ସହିତ ଗୋଲାକୃତି ଆକାରରେ ଗଛ ଶୁଖିଯାଏ। ଏହା ଯେଉଁ ଧାନ ଗଛକୁ ଆକ୍ରମଣ କରିଥାଏ, ତାହାର କାଣ୍ଡ ଭାଗ ଶୁଖିଯାଏ ଓ ଏହା ଭବିଷ୍ୟତରେ କୁଟା ହୋଇପାରେ ନାହିଁ।

ପ୍ରତିକାର - * ଚକଡା କୀଟ ଆକ୍ରାନ୍ତ ଜମିରେ ଏକ କିସମକୁ ଦ୍ୱିତୀୟ ଥର ବ୍ୟବହାର କରନ୍ତୁ ନାହିଁ।

* ସହନଶୀଳ କିସମ ଯଥା ଗୋଦାବରୀ, କ୍ରିଷ୍ଣାଭେନି, ଚୈତନ୍ୟ ପ୍ରଭୃତି ବ୍ୟବହାର କରିବା ଆବଶ୍ୟକ।

* ଧାନ ଜମିର ମଝି ଭାଗରେ କନ୍ଦି କରନ୍ତୁ। ଏହାଦ୍ୱାରା ଉପଯୁକ୍ତ ସୂର୍ଯ୍ୟାଲୋକ ମିଳିପାରିବା ସହ ଆର୍ଦ୍ରତା ନିୟନ୍ତ୍ରଣ ହୋଇପାରିବ।

* ଜମିରୁ ଅନାବନା ଘାସ ଉପାଡିଦିଅନ୍ତୁ।

* ପୋକର ଗତିବିଧି ଲକ୍ଷ୍ୟ କରି କୀଟନାଶକ ବ୍ୟବହାର କରନ୍ତୁ।

* ଗଛର ତଳଭାଗକୁ କାର୍ବୋଫ୍ୟୁରାଣ ଦାନା ଏକରକୁ ୧୦ କି.ଗ୍ରା, ଏସିଫେଟ ଏକଲିଟର ପାଣିରେ ୧୫ କି.ଗ୍ରା ମିଶାଇ ୩-୪ ଥର ସ୍ପ୍ରେ କରନ୍ତୁ।

ନଳି ପୋକ- ଏହା ଧାନ ଫସଲର କ୍ଷତିକାରକ କୀଟ ମଧ୍ୟରେ ଅନ୍ୟତମ। ଏହାର ଶୁକ ଗୁଡ଼ିକ ଫିକା ସବୁଜ ରଙ୍ଗର ଓ ସଦାବେଳେ ପତ୍ରର ନଳୀ ଭିତରେ ଅବସ୍ଥାନ କରିଥାନ୍ତି। ଏମାନେ ଫିମ୍ପରୁ ବାହାରିବା ପରେ ଧାନ ପତ୍ରର ଅଗ ଭାଗକୁ କାଟି ଛୋଟଛୋଟ ନଳୀ ତିଆରି କରନ୍ତି। ନଳୀ ଭିତରେ ରହି ପତ୍ରର ସବୁଜ କଣିକାକୁ କୋରି କୋରି ଖାଇଥାନ୍ତି। ଏହି ନଳୀ ଗୁନିକ ପାଣିରେ ସହଜରେ ଭାସି ପାରେ।

ପ୍ରତିକାର - ଏହି ପୋକ ଦାଉରୁ ରକ୍ଷା ପାଇବା ପାଇଁ କୁଇନାଲଫସ ୨୫ଇସି ୨ମିଲି ପ୍ରତି ଲିଟର ପାଣିରେ ପ୍ରୟୋଗ କରି ଜମିରେ ପ୍ରୟୋଗ କରନ୍ତୁ।

ସ୍ୱାମିଙ୍ଗ ସଁବାଳୁଆ - ଏହା ଦେଖିବାକୁ ଗାଢ଼ ସବୁଜ ରଙ୍ଗର ଶୁକ। ଏହାର ନିୟନ୍ତ୍ରଣ ପାଇଁ ଜମିରୁ ସଠିକ ଭାବେ ଜଳ ନିଷ୍କାସନ କରିବା ଆବଶ୍ୟକ।

କାହାଳିଆ ପୋକ - ଏହା ସାଧାରଣତଃ ବର୍ଷାଦିନିଆ ଉଧାନ ଫସଲରେ ଦେଖାଯାଇଥାଏ। ପିଲ ଦେଉଥିବା ଅବସ୍ଥାରେ ପିଲ ଭିତରେ ପଶି କଅଁଳିଆ ମଂଜିର ଅଗ୍ରଭାଗକୁ ଖାଇଥାନ୍ତି। ଫଳରେ ପିଲଟି କାହାଳୀ ସଦୃଶ ହୋଇ ବଢ଼ିଥାଏ। କେଣ୍ଡାର ଧାରଣ ଶକ୍ତି କମିଥାଏ।

ପ୍ରତିକାର- ସଙ୍ଗ ଆକର୍ଷକ ଯନ୍ତା ବ୍ୟବହର କରିବା ଉଚିତ୍।

-ପଟାସ ସାର ବ୍ୟବହାର କରିବା ଦରକାର।

-କାର୍ବୋସଲଫନ୍ ୨୫%ଇସି ୨ମିଲି ପ୍ରତି ଲିଟର ପାଣିରେ ଜମିରେ ସିଂଚନ କରିବା ଆବଶ୍ୟକ।

ମାଟିଆଗୁଣ୍ଡି ପୋକ - ଏହା ମାଟିଆ ଓ ବାଦାମୀ ରଙ୍ଗର ଶୋଷକ କୀଟ ଅଟେ। ବର୍ଷାଦିନିଆ ଓ ଡ଼ାଲୁଅ ଧାନରେ ଏହା ବହୁଳ କ୍ଷତି କରିଥାଏ। ଏହା ଧାନ ବୁଦା ମୂଳରେ ଜଳପତନର ଠିକ ଉପର ଭାଗରେ ରହି କାଣ୍ଡରୁ ରସ ଶୋଷି ଖାଇଥାଏ। ଏହାର ଆକ୍ରମଣରେ ପ୍ରଥମେ ପତ୍ର ଗୁଡ଼ିକ ହଳଦିଆ ପଡ଼ିଯାଏ ଓ ଶେଷରେ ଧାନଗୁଡ଼ିକ ମରିଯାଏ। ଫୁଲ ଧରିବା ସମୟରେ ଏମାନଙ୍କ ପ୍ରାଦୁର୍ଭାବ ବେଶୀ ଥାଏ।

ପ୍ରତିକାର- ସଙ୍ଗଆକର୍ଷକ ଯନ୍ତାର ବ୍ୟବହାର କରିବା

ଇମିଡ଼ାକ୍ଲୋପିଡ଼୍ ୦.୨୫ମିଲି ପ୍ରତି ଲିଟର ପାଣିରେ ପକାଇ ସିଂଚନ କରିବା।

(ସମ୍ପାଦକ-ଶ୍ୟାମଳ ସୁବର୍ଣ୍ଣ, ବାସୁଦେବପୁର,ଭଦ୍ରକ, ମୋ:୯୪୩୮୪୬୭୦୭୯)

# ନଡ଼ିଆ ଫସଲରେ ଗଣ୍ଡାପୋକ ଦମନ

**ଜୀବନ ଚକ୍ର :**

ଗଣ୍ଡାପୋକ ବା ରାଇନୋସରସ ବିଟିଲ ଏକ ଉତ୍ତମ ପ୍ରଜନନକ୍ଷମ ଅନିଷ୍ଟକାରୀ କୀଟ, ଯାହାର ପ୍ରାଦୁର୍ଭାବ ସମସ୍ତ ଜଳବାୟୁ ଓ ପରିବେଶରେ ଦେଖାଯାଇଥାଏ। ଏହାର ଜୀବନ ବୃତ୍ତାନ୍ତ ଅଧ୍ୟନ କଲେ ଜଣାଯାଏ ଯେ ଏହି କୀଟ ଗୋବର, ଖତଗଦା, ମୃତ ଓ ବିଘଟିତ ଜୈବିକ ପଦାର୍ଥର ଧ୍ୱଂସାବଶେଷରେ ମଧ୍ୟ ନିଜର ପ୍ରଜନନ କାର୍ଯ୍ୟ କରି ବଂଶବିସ୍ତାର କରିପାରେ ଓ ହାରାହାରି ୧୭୧ ଦିନ ମଧ୍ୟରେ ଏହାର ଜୀବନଚକ୍ର ପରିସମାପ୍ତ ହୁଏ। ତନ୍ମଧ୍ୟରୁ ଅଣ୍ଡା ଅବସ୍ଥା ୧୦ ଦିନ, ଶୁକ ଅବସ୍ଥା ୧୩୦ ଦିନ ଓ କୋଷା ଅବସ୍ଥା ୨୦ ଦିନରେ ଶେଷ ହୁଏ। ପୂର୍ଣ୍ଣାଙ୍ଗ ପ୍ରାପ୍ତ କୀଟଟି କୋଷରୁ ବାହାରିବା ପରେ ୫-୨୬ ଦିନ ପର୍ଯ୍ୟନ୍ତ ବିଶ୍ରାମ କରେ ଏବଂ ତତ୍ପରେ ନଡ଼ିଆ ଗଛର ଅଗ୍ରଭାଗକୁ ଉଡ଼ି ଚାଲିଯାଏ। ଏହି କୀଟର ଅଣ୍ଡିରା ପୂର୍ଣ୍ଣାଙ୍ଗ କୀଟଟି ୧୨୦ ଦିନ ବଂଚିଥିବା ବେଳେ ମାଈ କୀଟଟି ହାରାହାରି ୧୪୨ ଦିନ ଜୀବନ ଧାରଣ କରିଥାଏ। ଫେବୃୟାରୀରୁ ଏପ୍ରିଲ ଏବଂ ସେପ୍ଟେମ୍ବରରୁ ଅକ୍ଟୋବର ମଧ୍ୟରେ ଏହି ପୋକ ସର୍ବାଧିକ ଅଣ୍ଡା ଦେଇଥାଏ।

**କ୍ଷତି :**

ପୂର୍ଣ୍ଣାଙ୍ଗପ୍ରାପ୍ତ ପୋକଟି ସାଧାରଣତଃ ନଡ଼ିଆଗଛର ବାହୁଙ୍ଗା ଏବଂ ଫୁଲକୁ ମାତ୍ରାଧିକ ଆକ୍ରମଣ କରି କ୍ଷତି ପହଞ୍ଚାଏ। ଏହି ପୋକ ଆକ୍ରମଣ ନଡ଼ିଆ ଫସଲରେ ହାରାହାରି ୧୦ ପ୍ରତିଶତ ଅମଳ ହ୍ରାସ କରେ। ୩-୧୦ ବର୍ଷ ବୟସ ଗଛ ଗୁଡ଼ିକରେ ଏହି ପୋକର ଆକ୍ରମଣ ଜନିତ କ୍ଷତି ଅଧିକ ହୋଇଥାଏ। ଆକ୍ରମିତ ବାହୁଙ୍ଗା ଗୁଡ଼ିକର ପତ୍ର କଟିଯାଇଥିବା ଲକ୍ଷ୍ୟ କରାଯାଏ। ଏହାକୁ ବୈଜ୍ଞାନିକ ଭାଷାରେ ଜିଓମେଟ୍ରିକ କଟ୍, ଫ୍ୟାନକଟ୍ ବୋଲି କୁହାଯାଏ। ସାଧାରଣତଃ ବିଶେଷ ଆକ୍ରମଣ ହୋଇ ନଥିଲେ ଗୋଟିଏରୁ ଦୁଇଟି ପତ୍ର କଟିଥାଏ। ଯଦି ଏହି ପୋକର ପ୍ରାଦୁର୍ଭାବ ମାତ୍ରାଧିକ ହୁଏ ଓ ଏହାର ଆର୍ଥିକ ଦେହଳୀ ସୀମା ଉଲ୍ଲଙ୍ଘନ କରେ, ସମସ୍ତ ପତ୍ର ଏହିଭଳି କଟିଥିବା ଲକ୍ଷ୍ୟ କରାଯାଏ। ଏହା ବ୍ୟତୀତ ସମ୍ପୂର୍ଣ୍ଣ ଖୋଲି ନଥିବା ବାହୁଙ୍ଗା ମୂଳରେ ଆୟତକାର କଣା ଦେଖାଯାଏ ଏବଂ ଏହି କଣା ପାଖରେ ପୋକ ଦ୍ୱାରା ନଷ୍ଟ ହୋଇଥିବା ବୃକ୍ଷର ତନ୍ତୁଗୁଡ଼ିକର ଅବଶିଷ୍ଟାଂଶ ଦେଖିବାକୁ ମିଳେ। ମାତ୍ରାଧିକ କ୍ଷତି ହେବା ପୂର୍ବରୁ ଏହି ପୋକର ଦମନ ନ କରାଗଲେ ନଡ଼ିଆଗଛ ଅନ୍ୟ କ୍ଷତିକାରୀ କୀଟ ଆକ୍ରମଣ ତଥା କବକଜନିତ ରୋଗ ଆକ୍ରମଣ ପାଇଁ ଉପଯୋଗୀ ହୋଇଯାଏ।



**ଭୁବନାନନ୍ଦ ଅଧିକାରୀ**
*କୀଟ ଟିଏ କଥା ଟିଏ - ୪*

**ନିୟନ୍ତ୍ରଣ :**

ଏହି କୀଟର ନିୟନ୍ତ୍ରଣ ପାଇଁ ପ୍ରଥମେ ପରିଷ୍କାର ପରିଚ୍ଛନ୍ନ ଚାଷ ପ୍ରଣାଳୀ ଅବଲମ୍ବନ ଆବଶ୍ୟକ। ଗଛର ଆଖପାଖ ପରିଷ୍କାର ରଖିବା ସହ ଗଛରେ ଥିବା ମୃତଅଂଶ, ପଚା ଅଂଶ, ପତ୍ରଗୁଡ଼ିକୁ ସମୟାନୁସାରେ କାଟି ସଫା କରିବା ଦ୍ୱାରା ଏହି ପୋକ ଆକ୍ରମଣରୁ ରକ୍ଷା ମିଳେ। ଏହି ପୋକ ଦ୍ୱାରା ସୃଷ୍ଟି ଆୟତକାର ଗଣାରେ ସ୍ପୋକ ବା ଏକ ସରୁ ତାର ପୂରାଇ ପୂର୍ଣ୍ଣାଙ୍ଗପ୍ରାପ୍ତ ପୋକକୁ ଧରି ତାକୁ ନଷ୍ଟ କରିବା ମଧ୍ୟ ଜରୁରୀ। ନଡ଼ିଆ ବାହୁଙ୍ଗା ବାହାରିଥିବା ଗଛର ଅଂଶ ବା କନ୍ଦରେ ସେଭିଡଲ ୨୫ ଗ୍ରାମ ଓ ସରୁବାଲି ୨୦୦ ଗ୍ରାମର ମିଶ୍ରଣ ବା ଫୋରେଟ୍ ଓ ବାଲିର ମିଶ୍ରଣକୁ ପ୍ରୟୋଗ କଲେ ଏହାର ଉତ୍କଟ ଗନ୍ଧ ଦ୍ୱାରା ଏହି ପୋକଗୁଡ଼ିକ ଫସଲ ଆଡ଼କୁ ଆକର୍ଷିତ ହୁଅନ୍ତି ନାହିଁ। ଯାହାଦ୍ୱାରା ଆକ୍ରମଣଜନିତ କ୍ଷତି ହ୍ରାସପାଏ। ଜୈବିକ ଉପାୟରେ ଏହି ପୋକର ମଧ୍ୟ ନିୟନ୍ତ୍ରଣ ସମ୍ଭବପର। ଏହି କୀଟକୁ ନିୟନ୍ତ୍ରଣ କରୁଥିବା ଭୂତାଣୁ ବା ବ୍ୟାକୁଲୋ ଭାଇରସର ପ୍ରୟୋଗ ବା କୀଟ ବିନାଶକାରୀ କବକ ମେଟାରିଜିୟମ୍ ଆନିସୋପିଲେର ପଇଡ଼ପାଣି ବା ମକାଗୁଣ୍ଡ ବା କୁଣ୍ଡାରେ ବଂଶବିସ୍ତାର କରାଇ ଏହି କବକର ସ୍ପୋରକୁ ଗଛ ପାଖରେ ଥିବା ଖତଗଦାରେ କ୍ୟୁବିକ୍ ମିଟର ପ୍ରତି ୫ ଢ ୧୦୧୧ ସ୍ପୋର ପ୍ରୟୋଗ ଦ୍ୱାରା ଏହି କୀଟ ଦମନ ସମ୍ଭବପର ହୋଇଥାଏ। କେତେକ ଉପକାରୀ କୀଟ ମଧ୍ୟ ଅଛନ୍ତି ଯେଉଁମାନେ ଏହି ଗଣ୍ଡାପୋକକୁ ବିନାଶ କରିବାରେ ସାହାଯ୍ୟ କରନ୍ତି। କିନ୍ତୁ ଆମ ରାଜ୍ୟରେ ବା ପ୍ରାକୃତିକ ଅବସ୍ଥାରେ ଏହାର ପ୍ରୟୋଗ ଏତେଟା ସଫଳକାମୀ ହୋଇ ନଥାଏ। ଜୈବିକ ନିୟନ୍ତ୍ରଣର ଅନ୍ୟ ପ୍ରମୁଖ ଦିଗ ସ୍ୱରୂପ କୀଟ ନିୟନ୍ତ୍ରକ ସୂତ୍ରକୃମିର ଉତ୍ପାଦଡିଡି ୧୩୬ର ପ୍ରୟୋଗ କଲେ ଏହାର ପ୍ରଭାବରେ ଗଣ୍ଡାପୋକର ଶୁକ ବା କୋଷାଗୁଡ଼ିକର ଦମନ ସମ୍ଭବ ହୁଏ। ଏହି ସୂତ୍ରକୃମି ଜାତ ଉତ୍ପାଦର ପ୍ରୟୋଗ ଦ୍ୱାରା ୬୦-୧୦୦ ପ୍ରତିଶତ କୀଟ ଦମନର ନଜିର ରହିଛି। ଏତଦ୍ ଭିନ୍ନ କ୍ଷତିକାରୀ ଗଣ୍ଡାପୋକର ସଂଘ ଆକର୍ଷକ ଯନ୍ତା ବସାଇ (୫ ଏକରକୁ ୧ଟି ଯନ୍ତା ବସାଇବାର ୬୦ ଦିନ ପରେ ଆକ୍ରମଣ ଜନିତ କ୍ଷତିକୁ ୮୦ ପ୍ରତିଶତ କମାଇ ଦିଆଯାଇପାରେ। ଏହିସବୁ ଅଣରାସାୟନିକ ନିୟନ୍ତ୍ରଣ ବ୍ୟତୀତ ସମୟାନୁସାରେ ଗଛ ନିକଟରେ ଥିବା ଖତଗଦା ବା କମ୍ପୋଷ୍ଟ ପିଟରେ ବାର୍କାରିଲ ୫୦ ପ୍ରତିଶତ ଗୁଣ୍ଡ ଲିଟର ପ୍ରତି ୩ ଗ୍ରାମ ଦ୍ରବଣକୁ ସିଞ୍ଚନ କଲେ ଏହି କୀଟ ଆକ୍ରମଣରୁ ରକ୍ଷା ମିଳେ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଚାଷୀଭାଇମାନେ ନିଜେ ନିଜ ଫସଲ ସମସ୍ୟା ପାଇଁ ସମାଧାନ ଉପାୟ ନ ଭାବି ପାଖରେ ଥିବା କୃଷି ବିଜ୍ଞାନ କେନ୍ଦ୍ର ବା କୃଷି ଅନୁସନ୍ଧାନ ଓ ବୈଷୟିକ ଜ୍ଞାନକୌଶଳ କେନ୍ଦ୍ର, କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ବା ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ପରିଚାଳନା କଲେ ସେମାନେ ଫସଲ ସବସ୍ୟା ଦୂର କରିବା ସହ ନିଜର ଜ୍ଞାନ ପରିସର ମଧ୍ୟ ବଢ଼ାଇ ପାରିବେ।

ମୋ- ୯୫୮୩୨୮୫୪୯୯

# କପା ଫସଲରେ ପୋକ ପରିଚାଳନାରେ ଉପକାରୀ କୀଟର ଭୂମିକା

*କପା ଏକ ମୁଖ୍ୟ ଅର୍ଥକାରୀ ଫସଲ। ଏହାର ଆବଶ୍ୟକତା ଏବଂ ଉତ୍ପାଦନ କ୍ଷମତାକୁ ଆଖି ଆଗରେ ରଖି ଏହାକୁ 'ଧଳା ସୁନା' ମଧ୍ୟ କୁହାଯାଏ। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଏହି ଫସଲର ବିଭିନ୍ନ ପ୍ରକାରର ଅପକାରୀ ପୋକର ପ୍ରାଦୁର୍ଭାବ ବଢ଼ି ଚାଲିଛି ଯଥା ବିଭିନ୍ନ ପ୍ରକାରର ଶୋଷକ ପୋକ, ପତ୍ରଖିଆ ପୋକ ଏବଂ ଫଳବିନ୍ଧା ପୋକ। ପ୍ରଥମେ ପ୍ରଥମେ ଏହି ପୋକମାନଙ୍କ ନିରାକରଣ ପାଇଁ ରାସାୟନିକ କୀଟନାଶକ ବ୍ୟବହାର କରିବା ଦ୍ୱାରା ପୋକର ପ୍ରାଦୁର୍ଭାବକୁ କମାଯାଇ ପାରୁଥିଲା। କିନ୍ତୁ ବର୍ତ୍ତମାନର ପରିସ୍ଥିତି ଅଲଗା। ବର୍ତ୍ତମାନ ପରିସ୍ଥିତିରେ ଏହି ଫସଲକୁ ଆକ୍ରମଣ କରୁଥିବା ପୋର ନିୟନ୍ତ୍ରଣ ନିମନ୍ତେ ସବୁଦାୟ ଫସଲରେ ବ୍ୟବହୃତ ରାସାୟନିକ କୀଟନାଶକର ଶତକଡ଼ା ୫୦ ଭାଗ କେବଳ କପା ଫସଲରେ ପ୍ରୟୋଗ କରାଯାଏ। ଏହା ଯୋଗୁଁ ପରିବେଶ ପ୍ରଦୂଷଣ ସହିତ ପୋକ ମାନଙ୍କର ସହନଶକ୍ତି ବଢ଼ି, ଏହା ନୂଆ ସମସ୍ୟା ସୃଷ୍ଟି କରେ। ଏଠାରେ ଏହା କୁହାଯାଇପାରେକି, ଆମେ ପୋକ ନିୟନ୍ତ୍ରଣ ପାଇଁ କେବଳ ରାସାୟନିକ ପଦ୍ଧତି ଉପରେ ନିର୍ଭର କରିପାରିବା ନାହିଁ।*

*ଏହି କାରଣ ଯୋଗୁଁ ସମନ୍ୱିତ କୀଟ ପରିଚାଳନାର ସୃଷ୍ଟି। ଜୈବିକ ନିୟନ୍ତ୍ରଣ ପଦ୍ଧତି, ସମାନୟିତ କୀଟ ପରିଚାଳନା ବ୍ୟବସ୍ଥାର ଏକ ଅବଚ୍ଛେଦ୍ୟ ଅଙ୍ଗ। ଫସଲ ପରିବେଶରେ ଅପକାରୀ କୀଟ ସହିତ ଉପକାରୀ କୀଟ ପରାଶ୍ରୟୀର ଉପଯୁକ୍ତ ସଂରକ୍ଷଣ, ବଂଶବୃଦ୍ଧି ଏବଂ ଆବଶ୍ୟକ ଅନୁଯାୟୀ ପ୍ରୟୋଗ ଦ୍ୱାରା ଅନିଷ୍ଟକାରୀ କୀଟ ମାନଙ୍କର ଆଶାତୀତ ବୃଦ୍ଧିରେ ବାଧା ଉପୁଜେ। ଜୈବ ନିୟନ୍ତ୍ରଣ ଏକ ମିତବ୍ୟୟୀ, ଯୁକ୍ତିଯୁକ୍ତ ଓ ଦୀର୍ଘସ୍ଥାୟୀ କୀଟ ନିୟନ୍ତ୍ରଣ ପଦ୍ଧତି ହେଇଥିବାରୁ ଅତ୍ୟଧିକ କୀଟନାଶକ ପ୍ରୟୋଗର ଆବଶ୍ୟକତା ପଡ଼ି ନଥାଏ।*

*ଏହି ବିଷୟବସ୍ତୁରେ କପା ଫସଲରେ ଦେଖାଯାଉଥିବା କେତେକ ମୁଖ୍ୟ ପରଭୋଜୀ କୀଟ ଏବଂ ପରାଶ୍ରୟୀ କୀଟ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି।*

ପରଭୋଜୀ କୀଟ :

**ଇନ୍ଦ୍ରଗୋପୀ ଭୃଙ୍ଗ (Lady bird beetle):**

ଏହାର ଅନ୍ୟ ନାମ କାନ୍ଦୁଲ ଫାଳିଆ ପୋକ। ପୂର୍ଣ୍ଣାଙ୍ଗ କୀଟଟି ଦେଖିବାକୁ ଗୋଲାକାର, ଲାଲ, କମଳା ଓ ନାରଙ୍ଗି ରଙ୍ଗର ହୋଇଥାନ୍ତି। କିନ୍ତୁ ଭୃଙ୍ଗ ଗୁଡ଼ିକଲମ୍ବାଳିଆ ଏବଂ ପଛଭଗତି ତିନିକୋଣିଆ। ଏହି ପୋକଟି ଅଣ୍ଡାରୁ ପୂର୍ଣ୍ଣାଙ୍ଗ ଅବସ୍ଥାରେ ପରିଣତ ହେବା ପାଇଁ ପାଖାପାଖି ୨ ରୁ ୩ ସପ୍ତାହ ଆବଶ୍ୟକ କରିଥାଏ। ଏହି ପୋକ ଗୁଡ଼ା ଜଉପୋକ ମେଳନୀ ସ୍ଥାନରେ ଧାଡ଼ିରେ ୧୫୦ରୁ ୨୦୦ଟି ଅଣ୍ଡା ଦିଅନ୍ତି।

ଏହାର ସୁକ ପୋକଟିକୁ ଠିକ୍ ଭାବରେ ନଚିହ୍ନି ପାରିବା ଦ୍ୱାରା ବେଳେବେଳେ ଏହାକୁ ଲୋକେ ଭୁଲରେ ପରଭୋଜୀ ଭାବିନିଅନ୍ତି। ଦିନବେଳେ ଏହି ଭୃଙ୍ଗ ସବୁ ବିଶେଷ ଭାବରେ ସକ୍ରିୟ ହୋଇଥାନ୍ତି। ଏହି କୀଟ ବିଶେଷ ଭାବରେ ଶୋଷକ ପୋକଙ୍କୁ ଖାଏ। ଯଥା- ଜଉପୋକ, ପତ୍ରଡିଆଁ ପୋକ, ଧଳା ମାଛିର ଅର୍ଭକ, ପାତ୍ର ଉକୁଣି ଇତ୍ୟାଦି। ସୁକ ଅବସ୍ଥାରେ ଏମାନେ ଅଧିକ ପୋକ ଖାଇନିଅନ୍ତି (ହାରାହାରି ୪୫ଟି ପୋକ/ଦିନ)

**ବୁଢ଼ିଆଣୀ :**

କପା ଫସଲରେ ସାଧାରଣତ ଦୁଇ ପ୍ରକାରର ପରଭୋଜୀ ବୁଢ଼ିଆଣୀ ଦେଖାଯାନ୍ତି। କିଛି ଅପକାରୀ କୀଟକୁ ସିଧାସଳଖ ଖାଇନିଅନ୍ତି,

**ଦୀପାୟନ ପାଢ଼ୀ**

ତ କିଛିଜାଲ ତିଆରି କରି ଜାଲରେ ପଡ଼ିବା କୀଟମାନଙ୍କୁ ଖାଇ ନିଅନ୍ତି। କପା ଫସଲରେ ବିଭିନ୍ନ ପ୍ରକାରର ବୁଢ଼ିଆଣୀ ଯଥା- ଲମ୍ବା ଦାନ୍ତିଆ ବୁଢ଼ିଆଣୀ, ବାଘୁଆ ବୁଢ଼ିଆଣୀ, ପତ୍ରଡ଼ିଆଁ ବୁଢ଼ିଆଣୀ ଇତ୍ୟାଦି ଦେଖାଯାନ୍ତି। ଏମାନେ ଶୋଷକ ପୋକର ଅର୍ଭକ ତଥା ପତ୍ରଖିଆ ଏବଂ ଫଳବିନ୍ଧା ପୋକମାନଙ୍କର ଶୁକକୁ ଭକ୍ଷଣ କରନ୍ତି।

**ସିରଫିଡ଼ ମାଛି :**

ବଡ଼ ବା ପୂର୍ଣ୍ଣାଙ୍ଗ ମାଛି ଫୁଲର ମଧୁ ବା ପରାଗରେଣୁ ଖାଇ ବଂଚିଥାଏ। ମାଈ ପୂର୍ଣ୍ଣାଙ୍ଗ ମାଛି ଜଉପୋକ ଦଳରେ ଅଣ୍ଡା ଦେଇଥାଏ। ଅଣ୍ଡାରୁ ଶୂକ (ଗୋଡ଼ ବିହିନ ଏବଂ ମୁଣ୍ଡ ସରୁ ଓ ପଛ ଭାଗଟି ଓସାରିଆ) ହେବା ପାଇଁ ଏହା ୩ ରୁ ୪ ଦିନ ନେଇଥାଏ। ପୂର୍ଣ୍ଣାଙ୍ଗ ମାଛିର ପେଟ ପାଖରେ ହଳଦିଆ ଏବଂ କଳା ରଙ୍ଗର ଦାଗ ଥାଏ। ସାଧାରଣତ ମାଛି ଶୁକଟି ଯଉପୋକର ଅର୍ଭକର ରସ ଶୋଷି କେବଳ ଖୋଳପାକୁ ଛାଡ଼ି ଦିଅନ୍ତି। ଏହାର ଶୂକ ପୋକଟି ଦିନକୁ ହାରାହାରି ୫୭ଟି ଜଉପୋକ ଖାଇଥାଏ।

**କ୍ରାଇସୋପେର୍ଲା :**

ଏହାକୁ ଜଉପୋକର ଖାଦନ ବୋଲି ମଧ୍ୟ କୁହାଯାଏ। ପୂର୍ଣ୍ଣାଙ୍ଗ ମାଈ ପୋକଟି ରେଶମ ସୂତାରେ ଗୋଟି ଗୋଟି କରି ଅଣ୍ଡା ଦିଏ। ମୁଖ୍ୟତଃ ଶୁକ ଗୁଡ଼ିକ ଜଉପୋକ ଅର୍ଭକ ଖାଇଥାନ୍ତି। ଶୁକ କୀଟର ଦା ଆକାରର ଦୁଇଟି ଦାନ୍ତ ଥାଏ। ଯାହାଦ୍ୱାରା ଏମାନେ କୀଟ ଶରୀରରୁ ରସ ଶୋଷଣ କରିନିଅନ୍ତି। ଜଉପୋକ ବ୍ୟତୀତ ଏମାନେ ଅନ୍ୟ ନରମ ଶରୀର ବିଶିଷ୍ଟ କ୍ଷୁଦ୍ର କୀଟମାନଙ୍କର ନିୟନ୍ତ୍ରଣରେ ସହାୟକ ହୋଇଥାନ୍ତି ଏହା ଦିନକୁ ହାରାହାରି ୪୬ ଜଉପୋକ ଖାଇଥାଏ।

**ଶିକାରୀ ଝିଣ୍ଟିକା :**

ଏହା ଏକ ସର୍ବକୀଟଭୋଜୀ ପୋକ। ଏହା ସବୁ ପ୍ରକାର ଫସଲରେ ଦେଖାଯାଏ। ଏହାର ଆଗ ଗୋଡ଼ ଦୁଇଟି ଟାଣ, କଣ୍ଟା କଣ୍ଟା ଓ ଶିକାର ଧରିବାରେ ସହାୟକ ହୋଇଥାଏ। ଏହାର ମୁଣ୍ଡଟି ଚାରି ଦିଗକୁ ଘୂରିପାରେ। ଏହାର ମାଇ ପୋକଟି ଏକ ଟାଣ ଆବରଣ ମଧ୍ୟରେ ଅଣ୍ଡା ଦେଇଥାଏ। ଏଥିରେ ଅର୍ଭକ ଓ ପୂର୍ଣ୍ଣାଙ୍ଗ କୀଟ ଅନ୍ୟ କୀଟ ମାନଙ୍କୁ ଖାଇଥାନ୍ତି। ଏହି ଉପକାରୀ ପୋକଟି ଗୋଟିଏ ଦିନରେ ହାରାହାରି ୪ଟି ଶୂକ ପୋକ ଖାଇପାରେ।

**ରେଡ୍ଡୁଭିଡ଼ ବଗ ବା ହତ୍ୟାକାରୀ ପୋକ :**

ହତ୍ୟାକରୀ ପୋକ ଏକ ବିଶେଷ ଧରଣର ଉପକାରୀ କୀଟ। ଏହା ନିଜ ଠାରୁ ଭାରି ଓ ବଡ଼ ଆକାରର କୀଟ ମାନଙ୍କୁ ଶିକାର କରିଥାନ୍ତି। ଏହି ହତ୍ୟାକାରୀ କୀଟ ମୁଖ୍ୟତଃ ଶୂକ ପୋକ, ଜଉପୋକ ଓ ଅନ୍ୟ ପୋକମାନଙ୍କର ଅଣ୍ଡା ଖାଏ। ଏହା ନିଜର ଶୁଣ୍ଢ ଦ୍ୱାରା ଶିକାର ଶରୀର ମଧ୍ୟରେ ଏକ ବିଷାକ୍ତ



ପଦାର୍ଥ ଛାଡ଼ିଥାଏ। ତଦ୍ୱାରା ଶିକାର ପୋକଟି ନିସ୍ତେଜ ହୋଇଥାଏ, ଯାହାକି ଶିକାରୀ ପୋକକୁ ଶିକାର ଠାରୁ ରସ ଶୋଷିବାରେ ସହାୟକ ହୋଇଥାଏ। ଏହା ଦିନକୁ ହାରାହାରି ୬ଟି ଶୂକପୋକକୁ ଶିକାର କରେ।

ପେଣ୍ଟାଟୋମିଡ଼ (ପଞ୍ଚକୋଣୀ)

**ବଗ ବା ଢ଼ାଲ ବଗ :**

ଏହାର ମାଇ ପୋକଟି ପତ୍ରର ଉପରି ଭାଗରେ ଉଜ୍ଜ୍ୱଳ ଧାତୁ ରଙ୍ଗର ଅଣ୍ଡା ଧାଡ଼ିରେ ଦେଇଥାନ୍ତି। ଏହିପୋକ ଗୁଡ଼ିକ ନିଜ ଲମ୍ବା ଶୁଣ୍ଢ ଦ୍ୱାରା ରସ ଶୋଷି ନିଜ ଆକାର ଠାରୁ ବଡ଼ କୀଟମାନଙ୍କୁ ଖାଇ ପାରନ୍ତି। ଏମାନେ ଗୋଟିଏ ଦିନରେ ହାରାହାରି ୫ଟି ଶୂକକୁ ଶିକାର କରିପାରନ୍ତି।

କାରାବିଡ଼ ଭୃଙ୍ଗ ବା ଗ୍ରାଉଣ୍ଡ ବିଟିଲ :ଗ୍ରାଉଣ୍ଡ ବିଟିଲର ଉଭୟ



ପୂର୍ଣ୍ଣାଙ୍ଗ ଅବସ୍ଥା, ଶୂକ କଳାରଙ୍ଗର। ଏହାର ଉଭୟ ପୂର୍ଣ୍ଣାଙ୍ଗ ଏବଂ ଶୂକ ଅବସ୍ଥାରେ ଶିକାର କରନ୍ତି। ଏହାର ପୂର୍ଣ୍ଣାଙ୍ଗ ଅବସ୍ଥାରେ ମୁହଁରେ ଦା ଆକୃତିର ଦାନ୍ତ ଥାଏ। ଗୋଟିଏ ପୋକ ଦିନରେ ହାରାହାରି ୫ଟି ଶୂକ ପୋକ ଖାଇଥାଏ।

**ଶିକାରୀ ବିରୁଡ଼ି :**

ଏମାନେ ଘରର କାନ୍ଥ କୋଣରେ ମାଟି ଘର ତିଆରି କରିଥାଏ। ପୂର୍ଣ୍ଣାଙ୍ଗ ବିରୁଡ଼ି ବିଭିନ୍ନ ପ୍ରକାରର ଶୂକ ଗୁଡ଼ିକୁ ବୋହିଆଣି, ସେମାନଙ୍କୁ ନିସ୍ତେଜ କରି ଏହାର ଛୁଆ ଗୁଡ଼ିକୁ ଖାଇବାକୁ ଦେଇଥାନ୍ତି। ଏମାନେ ନିଜ ନାହୁଡ଼କୁ ଅନ୍ୟ କୀଟମାନଙ୍କୁ ଭୟଭୀତ କରିବାରେ ବ୍ୟବହାର କରନ୍ତି।

**ଧବନ ଭୃଙ୍ଗ :**

ଏହା ଏକ ଉଜ୍ଜ୍ୱଳ ଲାଲ ରଙ୍ଗର ଟାଣ ଶରୀର ଥିବା ପୋକ। ଏହାକୁ ମୁଖ୍ୟତଃ ଗୋଟି ପୋକ ଏବଂ ଆମେରିକୀୟ ବକରା ବିନ୍ଧା ପୋକର ଶୁକ ନିୟନ୍ତ୍ରଣରେ ବ୍ୟବହାର କରାଯାଏ।

**ପରାଶ୍ରୟୀ କୀଟ :**

**ଟ୍ରାଇକୋଗ୍ରାମ :**

ଏହା ଏକ ଅଣ୍ଡା ପରାଶ୍ରୟୀ କୀଟ। ପୂର୍ଣ୍ଣାଙ୍ଗ ମାଈ କୀଟଟି ମୋଥ ବା ପ୍ରଜାପତି ଜାତୀୟ କୀଟମାନଙ୍କ ଅଣ୍ଡା ମଧ୍ୟରେ ଅଣ୍ଡା ଦେଇଥାଏ। ଟ୍ରାଇକୋଗ୍ରାମା ଅଣ୍ଡାର ଛୁଆ ଶିକାର କୀଟର ଅଣ୍ଡାକୁ ନଷ୍ଟ କରି ଏଥିରୁ ପୁଣିଟ୍ରାଇକୋଗ୍ରାମା କୀଟ ବାହାରିଥାଏ। ଏହାକୁ କପା ଫସଲରେ ବକରା ବିନ୍ଧା କୀଟ, ପତ୍ରଖିଆ ଘୋଡ଼ାପୋକ ଓ କାହାଳୀ ପୋକ ଇତ୍ୟାଦିର ନିୟନ୍ତ୍ରଣ ପାଇଁ ବ୍ୟବହାର କରାଯାଏ। ଏହି କୀଟକୁ ଗବେଷଣାଗାରରେ ବୃଦ୍ଧି କରାଯାଇ ଟ୍ରାଇକୋକାର୍ଡ଼ ଭାବରେ ବିକ୍ରି କରାଯାଇ ପାରିବ। ଗୋଟିଏ ଟ୍ରାଇକୋକାର୍ଡ଼ରେ ପାଖାପାଖି ୨୦,୦୦୦ କୀଟ ଥାଏ। ୬୦,୦୦୦ ଟ୍ରାଇକୋଗ୍ରାମା କୀଟ ଏକରକୁ ପ୍ରତି ସପ୍ତାହ ଅନ୍ତରରେ ୪/୬ ଥର ଛଡ଼ାଯାଏ।

**କୋଟେସିଆ:**

ଏହା ଏକ ଶୁକ ପରାଶ୍ରୟୀ କୀଟ। ଅଣ୍ଡାରୁ ଫୁଟିବା ପରେ ଛୁଆ ଗୁଡ଼ିକ ଶୁକ ପୋକ ଶରୀରର ଅଭ୍ୟନ୍ତରୀୟ ତନ୍ତୁ ଗୁଡ଼ିକୁ ଖାଇ ଯାଆନ୍ତି। ଏମାନେ କପା ଫସଲରେ ଫଳବିନ୍ଧା ପୋକ, ପତ୍ରଖିଆ ଗୋଟି ପୋକ ଇତ୍ୟାଦିର ଶୁକରେ ଅଣ୍ଡା ଦେଇ ଏହାର ନିୟନ୍ତ୍ରଣ କରନ୍ତି।

ସହ ପ୍ରାଧ୍ୟାପକ, କୀଟତତ୍ୱ ବିଭାଗ,
ଏମ୍.ଏସ୍. ସ୍ୱାମୀନାଥନ କୃଷି ବିଶ୍ୱ ବିଦ୍ୟାଳୟ,
ପାରଳାଖେମୁଣ୍ଡି
ମୋ- ୮୨୮୦୦୨୮୧୬୬




# ରାଜ୍ୟରେ ତିନି ହଜାର କିଲୋମିଟର ରାସ୍ତାର ହେବ ସାଇନେଜ ଅଡ଼ିଟ

ଓଡ଼ିଶା ସରକାରଙ୍କ ସଡ଼କ ଓ ପରିବହନ ବିଭାଗ ଏକ ଦୃଷ୍ଟାନ୍ତମୂଳକ କାର୍ଯ୍ୟକ୍ରମ ହାତକୁ ନେଇଛି। ଯାହାର ବଡ଼ ସୁଫଳ ଗାଡ଼ି ଚାଳକମାନେ ପାଇବେ ଏବଂ ସଡ଼କ ଦୁର୍ଘଟଣାରୁ ମଧ୍ୟ ସେମାନେ ମୁକ୍ତି ପାଇପାରିବେ। ରାଜପଥରେ ସାଇନେଜ ନଥିଲେ ଏହା ସଡ଼କ ବ୍ୟବହାରକାରୀଙ୍କୁ ଦ୍ୱନ୍ଦ୍ୱରେ ପକାଉଛି। ଏହାଦ୍ୱାରା ଦୁର୍ଘଟଣା ବୃଦ୍ଧି ପାଉଥିବା ଜଣା ପଡ଼ିଛି। ରାଜ୍ୟ ସଡ଼କ ପରିବହନ ବିଭାଗର ଏକ ପାଇଲଟ ପ୍ରୋଜେକ୍ଟ ଜରିଆରେ ୫୦ କିମି ରାସ୍ତାର ସାଇନେଜ ଅଡିଟ ପରେ ଏହା ସ୍ପଷ୍ଟ ହୋଇଛି। ଏକଥା ଜଣା ପଡ଼ିବା ପରେ ରାଜ୍ୟ ସଡ଼କ ପରିବହନ ବିଭାଗ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୩ ହଜାର କିଲୋମିଟର ରାଜପଥର ସାଇନେଜ ଅଡିଟ କରାଯିବ। ଅର୍ଥାତ ରାସ୍ତାର ସବୁ ସ୍ଥାନରେ ସାଇନେଜ ଲାଗିବ। ଓଡ଼ିଶାରେ ୧୦୦ ପ୍ରତିଶତ ରାସ୍ତାକୁ ସଙ୍କେତ ଅନୁକୂଳ କରିବା ପାଇଁ ପରିହବନ ବିଭାଗ ପ୍ରଥମ ପର୍ଯ୍ୟାୟରେ ୩ ହଜାର କିଲୋମିଟର ରାସ୍ତା ପାଇଁ ସଡ଼କ ଚିହ୍ନ ଓ ମାର୍କିଂରେ ଅଡ଼ିଟ କରିବା ପାଇଁ ପଦକ୍ଷେପ ନେଉଥିବା ନେଇ ରାଜ୍ୟ ସଡ଼କ ପରିବହନ ବିଭାଗ ପକ୍ଷରୁ କୁହାଯାଇଛି।

ରାସ୍ତାରେ ମାନବୀୟ ତ୍ରୁଟି ଯୋଗୁଁ ଦୁର୍ଘଟଣା ଘଟୁଛି। ଠିକ ସାଇନେଜ ନ ଥିବାରୁ ଏହା ଦୁର୍ଘଟଣାର କାରଣ ହୋଇଛି। ଓଡ଼ିଶାରେ ୧୦୦ ପ୍ରତିଶତ ସଡ଼କ ସଙ୍କେତ ଅନୁକୂଳ କରିବା ପାଇଁ ପରିବହନ ବିଭାଗ ରାଜ୍ୟରେ ସଡ଼କ ସଙ୍କେତ ଅଡିଟ ଭଳି ଏକ ନିଆରା ପଦକ୍ଷେପ ହାତକୁ ନେଇଛି। ଉପଯୁକ୍ତ ସଡ଼କ ଚିହ୍ନ, ଟ୍ରାଫିକ ସଙ୍କେ ସରଳୀକରଣ, ସଡ଼କ ଇଂଜିନିୟରିଂ ବ୍ୟବସ୍ଥାରେ ସୁଧାର ଆଣି ସଡ଼କ ଦୁର୍ଘଯଣା ମାତ୍ରାକୁ କମ କରିବାକୁ ପଦକ୍ଷେପ ନିଆଯାଉଛି। ତ୍ରୁଟିପୂର୍ଣ୍ଣ ସାଇନେଜ ଓ ସିଗନାଲ ଗୁଡ଼ିକ ବହୁ ସମୟ ଟ୍ରାଫିକ ଜାମ ଓ ସଡ଼କ ଦୁର୍ଘଟଣାର କାରଣ ହୋଇଛି। ବିଶେଷଜ୍ଞଙ୍କ ସାହାଯ୍ୟରେ ସୁନ୍ଦରଗଡ଼ ଜିଲ୍ଲାର ୫୦ କିଲୋମିଟର ରାସ୍ତା, ଦେଓକର୍ଣ୍ଣପୁରରୁ କେସଇବାହାଲ ପର୍ଯ୍ୟନ୍ତ ରାଜ୍ୟ ରାଜପଥ ନଂ ୧୦ (ବିଜୁ ଏକ୍ସପ୍ରେସ)ରେ ମାର୍କିଂର ପରୀକ୍ଷାମୂଳକ ଅଡିଟ କରାଯାଇଥିଲା। ଅଧ୍ୟୟନରୁ ଜଣାପଡ଼ିଥିଲା କି ସଡ଼କ ବ୍ୟବହାରକାରୀଙ୍କ ପାଇଁ ସାଇନେଜର ଆବ୍ୟକତା ରହିଛି। ସଙ୍କେତ ନଥିବା ଛକ ଚାଳକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ଯାହା ଦୁର୍ଘଟଣାର ଅନ୍ୟତମ ପ୍ରମୁଖ କାରଣ ହେଉଛି। ନମୁନା ଅଡିଟର ଅନୁସନ୍ଧାନ ଓ ସୁପାରିସ ଅନୁଯାୟୀ ରାଜପଥ ପ୍ରସାରଣରେ ସଂଶୋଧନ କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟକ୍ରମରେ ସଂପୃକ୍ତ ଅଧିକାରୀମାନେ ତ୍ରୁଟିପୂର୍ଣ୍ଣ ସ୍ଥାନରେ ଠିକ ରୋଡ଼ ସାଇନେଜ ଲଗାଇବେ ଓ ନଷ୍ଟ ହୋଇଯାଇଥିବା ସାଇନେଜ ଗୁଡ଼ିକର ମରାମତି କରିବେ। ଆବଶ୍ୟକସ୍ଥଳେ ସେମାନେ ନୂତନ ରୋଡ଼ ସାଇନେଜ ସ୍ଥାପନ କରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସବୁ କ୍ଷେତ୍ରରେ ପ୍ରଶାସନ ଠାରୁ ଆମ ସମସ୍ତଙ୍କର ସଚେତନତା ଓ ଗୁରୁଦାୟିତ୍ୱ ରହିଛି ଏହାକୁ ମନେ ରଖିବା ଜରୁରୀ।

## ବାଇକ ଦୁର୍ଘଟଣାରେ ନାବାଳକ ସମେତ ୨ ଆହତ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥ ନେଉଳପୁର ନିକଟରେ ଶୁକ୍ରବାର ସକାଳେ ଏକ ସଡକ ଦୁର୍ଘଟଣାରେ ଜଣେ ବାଇକ ଆରୋହୀ ସମେତ ଜଣେ ନାବାଳକ ଆହତ ହୋଇଥିବା ଜଣାପଡିଛି । ସୂଚନା ମୁତାବକ ଯାଜପୁର ଅଂଚଳର ଦୀଲିପ ବାରିକ (୪୨) ନିଜ ଭଉଣୀ ଓ ଭଣଜା ବାଦଲ ପୃଷ୍ଟି (୬)ଙ୍କୁ ବାଇକରେ ବସାଇ କଟକ ଅଭିମୁଖେ ଯାଉଥିବା ବେଳେ ନେଉଳପୁର ନିକଟରେ ବାଇକ ଆଗକୁ କୁକୁର ପସି ଆସିବାରୁ ଭାରସାମ୍ୟ ହରାଇ ତଳେ ପଡିଯାଇଥିଲେ । ଫଳରେ ଦୀଲିପଙ୍କ ଗୋଡ ଭାଙ୍ଗିଯାଇଥିଲା ବେଳେ ବାଦଲ ଆହତ ହୋଇଥିଲା । ଖବର ପାଇ ଚଣ୍ଡିଖୋଲ ଦମକଳ ବାହୀନୀ ଆହତମାନଙ୍କୁ ଉଦ୍ଧାର କରି ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ଉଭୟ ମାମୁ ଭଣଜାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି ।

## ମଲ୍ଲିପଦରରେ ମୋତିଆ ବିନ୍ଦୁ ଚିହ୍ନଟ ଶିବିର

ଖୋର୍ଦ୍ଧା (ପିଏନ)-ବେଗୁନିଆ ବ୍ଲକ ଅନ୍ତର୍ଗତ କଂଟାବାଡ ପଂଚାୟତ ମଲ୍ଲିପଦର ଗ୍ରାମର ନୂଆ ପାରିଜାତ କ୍ଲବ ପରିସରରେ ରାଷ୍ଟ୍ର ଶକ୍ତି ମିଶନ ଓ ଆମ ଗାଁ ମହୋତ୍ସବ କମିଟି ପକ୍ଷରୁ ମୋତିଆ ବିନ୍ଦୁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଥିଲା। ଏ ନେଇ ବିଜେଡି ଦଳର ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆମ ଗାଁ ମହୋତ୍ସବ କମିଟିର ଉପଦେଷ୍ଟା ସୁବାସ ମହାନ୍ତି, ସଭାପତି ବିଦ୍ୟାଧର ମହାରଣା, ସମ୍ପାଦକ ଶିଶିର କୁମାର ଆଚାର୍ଯ୍ୟ ଓ କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ଚକ୍ଷୁରୋଗର ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ଏଥିରେ ଭୁବନେଶ୍ୱରର ସେଂଟର ଫର ସାଇଟ ଚକ୍ଷୁ ଚିକିତ୍ସାଳୟର କର୍ମଚାରୀ ସୁଧାଂଶୁ ଶେଖର ମହାପାତ୍ର, ମାନସ ସିଂହ ଓ ଦିପ୍ତୀରଂଜନ ପଣ୍ଡା ଯୋଗଦେଇ ମୋଟ ୫୬ ଜଣଙ୍କୁ ପରୀକ୍ଷା କରାଯାଇଥିଲା । ସେଥିରୁ ୧୮ ଜଣ ମୋତିଆ ବିନ୍ଦୁ ରୋଗୀ ଚିହ୍ନଟ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସାମ୍ବାଦିକ ଯୋଗେଶ୍ୱର ପଣ୍ଡା ପରିଚାଳନା କରିଥିବାବେଳେ ମାଗୁଣୀ ସାମନ୍ତରାୟ, ରବୀନ୍ଦ୍ର କୁମାର ବାରିକ, ପ୍ରେମାନନ୍ଦ ମହାପାତ୍ର, ପ୍ରେମାନନ୍ଦ ସେଠୀ, ଚକ୍ରଧର ମହାରଣା, ବିକ୍ରମାଦିତ୍ୟ ପଣ୍ଡା ଓ ରଂଜନ କୁମାର ଦାଶ ସହଯୋଗ କରିଥିଲେ।

# ଦେଶରେ କୃଷିର ସାମଗ୍ରିକ ସ୍ଥିତି !

ଭୁବନେଶ୍ୱର (ପିଏନ୍): ଭାରତୀୟ କୃଷିର ସାମଗ୍ରିକ ସ୍ଥିତି ସନ୍ତୋଷଜନକ ନୁହେଁ । ସେଥିରେ ଓଡ଼ିଶା ଭଳି ଅନଗ୍ରସର ରାଜ୍ୟରେ ଯେ ଚାଷବାସର ହାଲତ ଭଲ ରହିବ ତାହା ଭାବିବା ଠିକ୍ ନୁହେଁ । ଦୀର୍ଘକାଳଧରି ଓଡ଼ିଶାର କୃଷି କ୍ଷେତ୍ର ଅବହେଳିତ ହୋଇରହିବା ପରେ ଗତ ୪/୫ ବର୍ଷ ଧରି ରାଜ୍ୟ ସରକାର ଏ କ୍ଷେତ୍ର ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି । ଚାଷବାସ ପାଇଁ ଅଧିକ ପୁଞ୍ଜିନିବେଶ, ସ୍ୱତନ୍ତ୍ର ନୀତି ପ୍ରଣୟନ ଓ ଯୋଜନା ଆଦି ହାତକୁ ନିଆଯାଇଛି । ସେଥିମଧ୍ୟରୁ ସ୍ୱତନ୍ତ୍ର କୃଷି ବଜେଟ ଅନ୍ୟତମ । ଏହି କ୍ଷେତ୍ରର ଦକ୍ଷତାର ପୂର୍ଣ୍ଣ ଉପଯୋଗ କରିବାପାଇଁ ଯେଉଁ ଉଦ୍ୟମ ହେଉଛି ତାହା ତତ୍କାଳ ବା କମ୍ ସମୟରେ ଫଳ ଦେବାର ସମ୍ଭାବନା କ୍ଷୀଣ । ଏହା ଜାଣି ମଧ୍ୟ ରାଜ୍ୟ ସରକାର କୃଷିକ୍ଷେତ୍ରର ଉପଲବ୍ଧି ନେଇ ମଝିରେ ମଝିରେ ଯେଉଁସବୁ ଦାବି କରୁଛନ୍ତି ତାହା ହାସ୍ୟାସ୍ପଦ ଲାଗେ । ଏଭଳି ଆକାଶରୁ ତୋଳିଆଣିବା ଭଳି ସଫଳତା ପଛରେ ପରିସଂଖ୍ୟାନର ପ୍ରହେଳୀ ସହିତ ରାଜନୈତିକ କାରଣ ଅଧିକ । ସଫଳତାର ଶ୍ରେୟ ନେବାକୁ ସରକାରଙ୍କୁ କେହି ମନାକରୁନାହାନ୍ତି; କିନ୍ତୁ ଉଦ୍ୟମର ଗଛ ଭୂଇଁରୁ ଉଠିବା ପୂର୍ବରୁ ତା'ର ଫଳକୁ ନେଇ ଦାବି ଜଣାଇବା ସର୍ବଦା ହାସ୍ୟାସ୍ପଦ । ଜାତୀୟ କୃଷି କର୍ମଣ ପୁରସ୍କାର ସେଥିମଧ୍ୟରୁ ଗୋଟିଏ । ଏହା ଜାତୀୟ ସ୍ତରରେ ବିଭିନ୍ନ ଶ୍ରେଣୀର ରାଜ୍ୟମାନଙ୍କୁ ଭିନ୍ନଭିନ୍ନ ବର୍ଗରେ ମିଳିଥାଏ । ଓଡ଼ିଶା ଯେଉଁ ବର୍ଗରେ ଅଛି ସେଥିରେ ଧାନ ଉତ୍ପାଦନ କ୍ଷେତ୍ରରେ ଦ୍ୱିତୀୟ ବର୍ଗର ରାଜ୍ୟମାନେ ରହିଛନ୍ତି । ବିଗିଡ଼ିଯାଇଥିବା ଉତ୍ପାଦନ ଧାରାକୁ ବ୍ୟବସ୍ଥିତ କରି ଅମଳ ବଢ଼ାଇବାପାଇଁ ଏହି ପୁରସ୍କାର ଦିଆଯାଇଥାଏ । ସେଥିପାଇଁ ସେହି ବର୍ଗର ରାଜ୍ୟମାନଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥାଏ । ଏହା ଜାତୀୟ ସ୍ତରରେ ପ୍ରଦାନ କରାଯାଉଥିଲେ ମଧ୍ୟ ସର୍ବଭାରତୀୟ ସ୍ତରରେ ଏକକ ଶ୍ରେଷ୍ଠ ପ୍ରଦର୍ଶନର ସଫଳତା ନୁହେଁ । ତେଣୁ ଏହି ସଫଳତାରେ ଆତ୍ମହରା ନ ହୋଇ ବରଂ ପ୍ରଥମ ବର୍ଗରେ ଥିବା ରାଜ୍ୟମାନଙ୍କ ସହ ପ୍ରତିଯୋଗିତା କରିବାକୁ ପ୍ରୟାସ ଆରମ୍ଭ ହେବା ଆବଶ୍ୟକ । ଦ୍ୱିତୀୟ ପ୍ରସଙ୍ଗଟି ହେଲା ଡାଲିଜାତୀୟ ଫସଲ ଓ ତୈଳବୀଜ ଉତ୍ପାଦନ ପାଇଁ ରାଜ୍ୟରେ ଆବଶ୍ୟକ ସୁବିଧାସୁଯୋଗ ଥିବା ସତ୍ତ୍ୱେ ଏ କ୍ଷେତ୍ରରେ ଓଡ଼ିଶାର ପ୍ରଦର୍ଶନ ନୈରାଶ୍ୟଜନକ । ଡାଲି ଓ ତୈଳବୀଜ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଆତ୍ମନିର୍ଭରଶୀଳ ହୋଇ ନ ପାରିବାର କାରଣ ଅନୁଧ୍ୟାନ କରି ସରକାର ପଦକ୍ଷେପ ନେଲେ ଭଲ ହେବ । କପା, ଆଖୁ, ଛୋଟଶସ୍ୟ ଆଦି କଥା ମଧ୍ୟ ଆମକୁ ଚିନ୍ତା କରିବାକୁ ପଡ଼ିବ; କାରଣ ଏଥିରେ ଓଡ଼ିଶା ବହୁତ ପଛରେ । ଉଦ୍ୟାନକୃଷି ମଧ୍ୟ ସ୍ୱତନ୍ତ୍ର ଦୃଷ୍ଟି ଆବଶ୍ୟକ କରେ । ଆମର ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗର ପ୍ରଦର୍ଶନ ଅପେକ୍ଷାକୃତ ଭଲ ହେଲେ ମଧ୍ୟ ଏ କ୍ଷେତ୍ରରେ ବିଶାଳ ସମ୍ଭାବନାକୁ ଏବେ ମଧ୍ୟ ଉପଯୋଗ କରାଯାଇ ପାରିନାହିଁ । ନମୁନା ସର୍ଭେ ତଥ୍ୟକୁ ଭିତ୍ତିକରି ଏବେ ରାଜ୍ୟ ସରକାର କହୁଛନ୍ତି ଓଡ଼ିଆଚାଷୀଙ୍କ ଆୟ ଦୁଇଗୁଣ ହୋଇଛି । ଏ ଦାବି ପଛରେ ବିଶେଷ କିଛି ଗର୍ବ କରିବା ବା ବାହାଦୁରି ନେବାର ନାହିଁ । ଦଶବର୍ଷ ତଳେ ଦେଶ ବା ରାଜ୍ୟର ସାଧାରଣ ମୂଲ୍ୟସୂଚୀ ଯାହାଥିଲା ଏବେ ତାହା ପାଖାପାଖି ୫ଗୁଣ ବଢ଼ିଛି । ସାମଗ୍ରୀ ମହଙ୍ଗା ହୋଇଥିବାବେଳେ ଟଙ୍କାର କ୍ରୟଶକ୍ତି କମିଛି । ସବୁ ଜିନିଷର ମୂଲ୍ୟ ବଢ଼ିଥିବାବେଳେ କୃଷିଜାତ ସାମଗ୍ରୀର ମୂଲ୍ୟ ବଢ଼ିଛି । ତଦନୁସାରେ ଚାଷୀ ତା'ର ଉତ୍ପାଦିତ ସମାଗ୍ରୀର ମୂଲ୍ୟ ବଢ଼ାଇବାକୁ ବାଧ ହୋଇଛି । ଏହି ମୂଲ୍ୟରେ ତା'ର ଉତ୍ପାଦନ ଖର୍ଚ୍ଚ, ନିଜସ୍ୱ ମଜୁରି ଓ ଅନ୍ୟାନ୍ୟ ଖର୍ଚ୍ଚ ରହିଛି । ତେଣୁ ତାହାର ଆୟ ବଢ଼ିଛି ବୋଲି କହିବା ଠିକ୍ ନୁହେଁ । ଯଦି ଚାଷୀଙ୍କର ଉତ୍ପାଦନରେ ଉଲ୍ଲେଖନୀୟ ବୃଦ୍ଧି ଘଟିଥା'ନ୍ତା, ତା'ହେଲେ ସେମାନେ ଲାଭବାନ ହୋଇଥାନ୍ତେ । କୃଷି କ୍ଷେତ୍ରରେ ବିଭିନ୍ନ ଅଗ୍ରଣୀ ରାଜ୍ୟର କୃଷିଜାତ ଦ୍ରବ୍ୟ ଅମଳ ପରିମାଣ ହେକ୍ଟର ପିଛା ଯାହା ଓଡ଼ିଶା ସେଥିରେ ବହୁ ପଛରେ । ସେହିଭଳି ଚାଷଜମିରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କ୍ଷେତ୍ରରେ ମଧ୍ୟ ଓଡ଼ିଶା ପଛରେ । ଏଠାରେ ସାର ବ୍ୟବହାର ମଧ୍ୟ ଜାତୀୟ ହାରଠାରୁ କମ୍ । ସର୍ବୋପରି ଓଡ଼ିଶାରେ ଏବେ ବିଭିନ୍ନ କାରଣରୁ ଅଧା ଚାଷଜମି ପଡ଼ିଆ ପଡୁଛି । ଚାକିରି କରିଥିବା ଲୋକଙ୍କ ବେତନ, ମଜୁରି ଓ ଦରଦାମ ଯେଉଁ ତୁଳନାରେ ବଢ଼ିଛି ତଦନୁସାରେ ଚାଷୀର ଆୟ ନଗଣ୍ୟ । ତେଣୁ ଏହାକୁ ନେଇ ସରକାର ଛାତି ଫୁଲେଇ ବାହାବା ନେବା ତୁଚ୍ଛା ବାହାଦୁରି । ଓଡ଼ିଆ ଚାଷୀର ଆୟ ଯଦି ୪/୫ ଗୁଣା ବଢ଼ିଥା'ନ୍ତା ତେବେ ଏହାକୁ ନେଇ ଗର୍ବ କରିହୋଇଥାନ୍ତା । ରାଜ୍ୟର ମୋଟ ୭୦ ଶତାଂଶ ଲୋକ କୃଷି ଉପରେ ନିର୍ଭରଶୀଳ । ସେମାନଙ୍କ ମଧ୍ୟରୁ ଅଧିକାଂଶ କେବଳ ପରିବାର ପୋଷଣ ପାଇଁ ଚାଷ କରିଥାନ୍ତି । ଏହାସତ୍ତ୍ୱେ ରାଜ୍ୟର ମୋଟ ଘରୋଇ ଉତ୍ପାଦନରେ କୃଷିକ୍ଷେତ୍ରର ଅବଦାନ ୧୮ ଶତାଂଶ ଯାହା ନଗଣ୍ୟ । ଏହି କ୍ଷେତ୍ରରେ ଯେତେ ଲୋକ ସମ୍ପୃକ୍ତ ସେମାନଙ୍କ ମଧ୍ୟରୁ ଅଧେଙ୍କୁ ବାହାର କରିଦେଇ ଅନ୍ୟ କ୍ଷେତ୍ରରେ କାମଧନ୍ଦା ଯୋଗାଇଲେ ବରଂ ସେମାନଙ୍କ ଆୟ ବଢ଼ିବ । ଚାଷବାସ ଭଳି ସୀମିତ କ୍ଷେତ୍ରରେ ଅସୀମିତ ଲୋକଙ୍କ ସମ୍ପୃକ୍ତି ସମ୍ପୃକ୍ତ ଲୋକଙ୍କ ଆୟ ବୃଦ୍ଧିରେ ସହାୟକ ହେବନାହିଁ । ଓଡ଼ିଶା ସରକାର କୃଷି ବିକାଶର ଡିଣ୍ଡିମ ପିଟୁଥିବାବେଳେ ରାଜ୍ୟରେ ଚାଷୀ ଆତ୍ମହତ୍ୟା ଓ ଧାନଭଳି କୃଷିଜାତ ପଦାର୍ଥର ଅଭାବୀ ବିକ୍ରି ଏକ ନିତିଦିନିଆ ଘଟଣା ପାଲଟିଛି । ଯେଉଁ ସାମଗ୍ରୀର ଚାହିଦା ରହିଛି ତାହାକୁ ଚାଷ ନ କରି କେବଳ ଧାନଚାଷରେ ମାତିଲେ ସମସ୍ୟାର ସମାଧାନ ତ ହେବନାହିଁ, ବରଂ ଏହା ବଢ଼ିବ । ରାଜ୍ୟ ସରକାର ଏ ଦିଗପ୍ରତି ଦୃଷ୍ଟିଦେଇ ନୂଆ ନୀତି ପ୍ରଣୟନ କରନ୍ତୁ । ଖାଦ୍ୟଶସ୍ୟ ସହ ଡାଲି, ତୈଳବୀଜ, ପନିପରିବା, ଆଳୁପିଆଜ, ମାଛମାଂସ ଭଳି ବହୁଳ ବ୍ୟବହୃତ ଜିନିଷରେ ଓଡ଼ିଶା ଆତ୍ମନିର୍ଭରଶୀଳ ହୋଇପାରିଲେ ଯାଇ ଆମେ ନିଶଫୁଲାଇ ଚାଲିପାରିବା ଏବଂ ଗର୍ବର ସହ ଆମ କୃଷି ଉପଲବ୍ଧିର କାହାଣୀ କହିପାରିବା ।

# ପ୍ରଦେଶ ଛାତ୍ର କଂଗ୍ରେସର 'ଛାତ୍ର ଯୋଡ଼ୋ ଭାରତ ଯୋଡ଼ୋ' କାର୍ଯ୍ୟକ୍ରମ

ଭୁବନେଶ୍ୱର (ପିଏନ୍)-ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ମହର୍ଷି କଲେଜଠାରୁ ଉତ୍କଳ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ 'ଛାତ୍ର ଯୋଡ଼ୋ ଭାରତ ଯୋଡ଼ୋ' କାର୍ଯ୍ୟକ୍ରମରେ ଏକ ପଦଯାତ୍ରା ହୋଇଥିଲା। ଛାତ୍ର କଂଗ୍ରେସ କର୍ମକର୍ତାମାନେ ଏବଂ ଛାତ୍ରଛାତ୍ରୀମାନେ ମହର୍ଷି କଲେଜରୁ ଯାତ୍ରା ଆରମ୍ଭ କରି ରମାଦେବୀ ବିଶ୍ୱବିଦ୍ୟାଳୟ ଦେଇ ଉତ୍କଳ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଉତ୍କଳ ବିଶ୍ୱବିଦ୍ୟାଳୟ ପରିକ୍ରମା କରାଯାଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ ୟାସିର ନୱାଜଙ୍କ ଆହ୍ୱାନରେ ରାହୁଲ ଗାନ୍ଧୀଙ୍କର ଭାରତଯୋଡ଼ କାର୍ଯ୍ୟକ୍ରମକୁ ଓଡ଼ିଶାର ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଆଗେଇ ନିଆଯିବ। ଓଡ଼ିଶାର ସାରା ମଧ୍ୟ ଏହି କାର୍ଯ୍ୟକ୍ରମ ଏବେ ଚାଲିଛି। ଏଥିରେ ବହୁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଭାରତ ଯୋଡ଼ୋ କାର୍ଯ୍ୟକ୍ରମ ପ୍ରତି ତାଙ୍କର ସମର୍ଥନ ବ୍ୟକ୍ତ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ଶ୍ରୀ ନୱାଜ କହିଥିଲେ ଯେ ଦେଶର ଅଖଣ୍ଡତା ରକ୍ଷା କରିବାପାଇଁ, ଗଣତନ୍ତ୍ର ଓ ସମ୍ବିଧାନକୁ ସଶକ୍ତ କରିବାପାଇଁ, ଦେଶର ସମ୍ପତି ବିକ୍ରିକୁ ରୋକିବା ପାଇଁ ଏବଂ ବିଶେଷ କରି ଘୃଣା, ହିଂସା, ଦ୍ୱେଷକୁ ପରିହାର କରି ଏକ ନୂତନ ଭାରତବର୍ଷର ଗଠନର ପ୍ରଚେଷ୍ଟା ହେଉଛି ଭାରତ ଯୋଡ଼ୋ କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ। ନବୀନ ସରକାରଙ୍କର ଛାତ୍ର ବିରୋଧୀ ନୀତିର ତୀବ୍ର ସମାଲୋଚନା କରି ସେ କହିଥିଲେ ଯେ ଓଡ଼ିଶାର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଛାତ୍ର ବିଜେଡ଼ିର ଦଳୀୟ କାର୍ଯ୍ୟାଳୟରେ ପରିଣତ କରିବାପାଇଁ ମୁଖ୍ୟମନ୍ତ୍ରୀ ଚକ୍ରାନ୍ତ କରୁଛନ୍ତି। ଗୋଟିଏ ପଟେ ଚାରିବର୍ଷ ହେଲା ଛାତ୍ର ସଂସଦର ନିର୍ବାଚନ ବନ୍ଦ କରାଯାଇଥିଲା ବେଳେ, ଛାତ୍ର ବିଜେଡ଼ି ପକ୍ଷରୁ କ୍ୟାମ୍ପସ କମିଟି ଗଠନ କାର୍ଯ୍ୟକ୍ରମ ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ୨୨ ବର୍ଷ ଭିତରେ ଛାତ୍ର ବିଜେଡ଼ି ଏକ ନିକମା, ମେରୁଦଣ୍ଡବିହୀନ, ମସ୍ତକ ବିହୀନ, ସ୍ୱାଭିମାନ ରହିତ, ଗୋଡ଼ାଣିଆ, ଅନ୍ଧ, ମୂକ, ବଧିର ସଂଗଠନ ଭାବରେ ରହିଛି। ଏମାନେ କେବେ ଛାତ୍ରସ୍ୱାର୍ଥ ପାଇଁ ସ୍ୱର ଉତୋଳନ କରନ୍ତି ନାହିଁ। କେବଳ ନବୀନବାବୁଙ୍କ ଜୟଜୟକାର କରିବା ଛଡ଼ା ଛାତ୍ର ବିଜେଡ଼ିର ଦ୍ୱିତୀୟ କାର୍ଯ୍ୟ କିଛି ନାହିଁ। ଏମାନେ କେବେ ଆନ୍ଦୋଳନ କରି ରାସ୍ତା ଉପରକୁ ଓହ୍ଲାଇ ନାହାନ୍ତି। ସାରା ରାଜ୍ୟରେ କ୍ୟାମ୍ପସ ଅସୁରକ୍ଷିତ, ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କୁ ପ୍ରାଇଭେଟ କଲେଜର ମାଲିକମାନେ ଶୋଷଣ କରୁଛନ୍ତି। କଲେଜ ଫି ବଢ଼ି ବଢ଼ି ଚାଲିଛି, ର୍ୟାଗିଂ ଚାପରେ ଛାତ୍ରଛାତ୍ରୀ ଆତ୍ମହତ୍ୟା କରୁଛନ୍ତି, ଅଧ୍ୟାପକମାନଙ୍କର ଘୋର ଅଭାବ, ଭିତିଭୂମି ନାହିଁ, ଜାଲ ସାର୍ଟିଫିକେଟରେ ଆଡମିଶନ ହେଉଛି, ଡେଭଲପମେଂଟ ଫଣ୍ଡ ଲୁଟି ନିଆଯାଉଛି। ଆମେ ଆନ୍ଦୋଳନ କରୁଛୁ ମାତ୍ର ଛାତ୍ର ବିଜେଡ଼ି ଚୁପ ବସିଛି। ଏବିଭିପି ମଧ୍ୟ ବିସିଜେଡ଼ି ସହ ହାତ ମିଳାଇଛି। ଅପରପକ୍ଷରେ ବର୍ଷକୁ ନବୀନ ପଟ୍ଟନାୟକ ୨ଲକ୍ଷ ଏବଂ ନରେନ୍ଦ୍ର ମୋଦି ୨ କୋଟି ନିଯୁକ୍ତି ଦେବେ ବୋଲି ପ୍ରତିଶ୍ରୁତି ଦେଇ ଏବେ ଛାତ୍ରଛାତ୍ରୀମାନଙ୍କୁ ଓ ବେକାର ଯୁବକ ଯୁବତୀମାନଙ୍କୁ ଭୂଆଁ ବୁଲାଉଛନ୍ତି। ମହଙ୍ଗାମାଡ଼ ଜନସାଧାରଣଙ୍କର ମେରୁଦଣ୍ଡ ଭାଙ୍ଗି ଦେଇଛି। ଖଣି, ରେଳବାଇ, ଏଲଆଇସି, ବିଏସଏନଏଲ, ବନ୍ଦର ଯାହା ସବୁ ଦେଶର ସଂପତି ରହିଛି ସବୁ ଗୋଟି ଗୋଟି କରି ନରେନ୍ଦ୍ର ମୋଦି ନିଜର ବନ୍ଧୁ ଶିଳ୍ପପତିମାନଙ୍କୁ ଦାନ କରିଦେଉଛନ୍ତି। ଘୃଣା, ହିଂସା, ଜାତିବାଦ, ଖାଦ୍ୟ ଓ ପୋଷାକ ଆଧାରରେ ଭାରତକୁ ଭାଗ ଭାଗ କରିବାପାଇଁ ଚକ୍ରାନ୍ତ ଚାଲିଛି। ଜାତୀୟ ଶିକ୍ଷା ନୀତି ୨୦୨୦ ପ୍ରଣୟନ କରାଯାଇଛି ଯାହାକି ବିଜେପି ଓ ଆରଏସଏସ ପ୍ରସ୍ତୁତ ଏକ ଶିକ୍ଷା ବ୍ୟବସ୍ଥା। ଶିକ୍ଷା ବ୍ୟବସ୍ଥାକୁ ସଂପୂର୍ଣ୍ଣ ବିପର୍ଯ୍ୟସ୍ତ କରିଦିଆଯାଇଛି। ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗ ସମୁହରେ ଭାରତ ଯୋଡ଼ୋ କାର୍ଯ୍ୟକ୍ରମର ନେତୃତ୍ୱ ନେଉଥିବା ବେଳେ ଓଡ଼ିଶାରେ ଏହି କାର୍ଯ୍ୟକ୍ରମକୁ ଆଗେଇ ନେବାପାଇଁ ଛାତ୍ର କଂଗ୍ରେସ ଛାତ୍ର ଯୋଡ଼ୋ କାର୍ଯ୍ୟକ୍ରମ କରୁଛି। ପ୍ରତ୍ୟେକ କଲେଜ ଓ ବିଶ୍ୱବିଦ୍ୟାଳୟରେ ପଂହଚିବା ଆମର ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମରେ ମନୋଜ ବିଶ୍ୱାଳ, କିରଣ ସାହୁ, ନିହାର ବେହେରା, ସ୍ୱାଗତ କର, ସୁନିଲ ମାଟିଆ, ଜଗଦିଶ ଗଜେନ୍ଦ୍ର, ସ୍ମୃତିରନ ତ୍ରିପାଠୀ, ନିହାର ବେହେରା, ରଣଜିତ ସେନାପତି, କାର୍ତିକେଶ୍ୱର କାଣ୍ଡି, ବିଶ୍ୱଭୂଷଣ ମହାପାତ୍ର, ବିଭୁତିଭୂଷଣ ମହାପାତ୍ର, ନିଆଜୁଲ ଇସଲାମ, ସାହାରୁଖ ଖାନ, ଉଦିତ୍ ପ୍ରଧାନ, ମହମ୍ମଦ ସମିଉଲ, ଭାଗ୍ୟଶ୍ରୀ ମହାନ୍ତି, ରାଜଲକ୍ଷ୍ମୀ ସାହୁ, ସ୍ନେହା ଜେନା, ସୌମ୍ୟବ୍ରତ ଷଣ୍ଢ, ସୟଦ ଆଜମ ଅଲ୍ଲୀ, ଆର୍ଯ୍ୟାନ ସାସମଲ, ଅବଦୁଲ ଆବ୍ରାର, ବାସୁଦେବ ନାର୍ଥ ଶର୍ମା, ଅପର୍ଣ୍ଣା ଜେନା, ଲିପ୍ସା ପରିଡ଼ା, ରାଜେଶ୍ୱରୀ ବିଶ୍ୱାଳ, ବାସନ୍ତ ଗାଗରାଇ, ପ୍ରତ୍ୟୁଷ ରଂଜନ ପ୍ରଧାନ ଓ ସୁନିଲ ସାହୁ ଗାନ୍ଧୀ ପ୍ରମୁଖ ବହୁ ଛାତ୍ର ନେତା ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଏସେଲସ୍ ପବ୍ଲିକ ସ୍କୁଲ ପକ୍ଷରୁ ଉଡାନ ଓ ଲିଟେରାରୀ କ୍ଲବ ଉଦଘାଟିତ



କଟକ (ପିଏନ୍): କଟକ ସେକ୍ଟର-୯ସ୍ଥିତ ଏସେଲସ୍ ପବ୍ଲିକ ସ୍କୁଲ ଓଡ଼ିଶାର ପ୍ରଥମ ବିଦ୍ୟାଳୟ ଭାବେ ପିଲାମାନଙ୍କ ପାଇଁ ଉଡାନ ଓ ପ୍ରଦର୍ଶ ଶୀର୍ଷକ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ବିଦ୍ୟାଳୟର ନିର୍ଦ୍ଦେଶିକା ଡକ୍ଟର ମେଘନା ମିଶ୍ରଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମରେ ଅତିଥି ବକ୍ତା ଭାବେ ରୁହିନା ପ୍ରିୟଦର୍ଶିନୀ ଯୋଗ ଦେଇ ସକାରାତ୍ମକ ଓ ମନସ୍ତାତ୍ତ୍ୱିକ ପ୍ରଶିକ୍ଷଣ ଉପରେ ଆଲୋକପାତ କରିଥିଲେ। ଶହେଜଣ ଅଭିଭାବକ ଯୋଗଦେଇଥିବାବେଳେ ବିଦ୍ୟାଳୟର ଅଧକ୍ଷା ମଞ୍ଜୁଶ୍ରୀ ମିଶ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପିଲାମାନେ ନିଜ ଦକ୍ଷତା ଓ ନିଜ ଭିତରର ଶ୍ରେଷ୍ଠତାକୁ ପ୍ରଦର୍ଶନ କରିବା ପାଇଁ ସେମାନଙ୍କୁ ସମସ୍ତ ପ୍ରକାର ସହାୟତା ବିଦ୍ୟାଳୟ ପକ୍ଷରୁ ପ୍ରଦାନ କରାଯିବ ବୋଲି ନିର୍ଦ୍ଦେଶିକା ଶିକ୍ଷାବିତ୍ ଡକ୍ଟର ମେଘନା ମିଶ୍ର ମତବ୍ୟକ୍ତ କରିଥିଲେ। ସେହିପରି ବିଦ୍ୟାଳୟ ପକ୍ଷରୁ ଲିଟେରାରୀ କ୍ଲବ ଉଦଘାଟିତ ହୋଇଯାଇଛି। ବିଦ୍ୟାଳୟ ସମୂହର ନିର୍ଦ୍ଦେଶିକା ଡକ୍ଟର ମେଘନା ମିଶ୍ରଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ତିନିଶହ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିବାବେଳେ ପିଲାମାନଙ୍କର ଅନ୍ତର୍ନିହିତ ସୃଜନଶୀଳ ପ୍ରତିଭାର ଉନ୍ମୋଚନ କରିବା ଏହି କାର୍ଯ୍ୟକ୍ରମର ମୂଳ ତାତ୍ପର୍ଯ୍ୟ ବୋଲି ସେ ମତବ୍ୟକ୍ତ କରିବା ସହ ଏହି କ୍ଲବ ବିପୁଳ ସଫଳତା ପାଇବ ବୋଲି ସେ ଆଶା ପ୍ରକାଶ କରିଥିଲେ।

## ଗୀତାଞ୍ଜଳିର ପନ୍ଦରତମ ସ୍ୱନକ୍ଷତ୍ର ଅନୁଷ୍ଠିତ



ଭୁବନେଶ୍ୱର (ପିଏନ୍): ସ୍ଥାନୀୟ ସ୍ୱସ୍ତି ପ୍ରିମିଅମ୍‌ଠାରେ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଗୀତାଞ୍ଜଳିର ପନ୍ଦରତମ ସ୍ୱନକ୍ଷତ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଶିଷ୍ଟ ସଙ୍ଗୀତଜ୍ଞ ଲକ୍ଷ୍ମୀକାନ୍ତ ପାଲିତ ମୁଖ୍ୟ ଅତିଥି, ସଭାପତି ସୁଭାଷ ଚନ୍ଦ୍ର ମୁଖାର୍ଜୀ, ଉପଦେଷ୍ଟା ଡ. ସଜାଲେନ୍ଦୁ ମାଲକାର, ଉପସଭାପତି ହର୍ଷବର୍ଦ୍ଧନ ଭରଦ୍ୱାଜ ଯୋଗଦେଇ ରବୀନ୍ଦ୍ର ନାଥ ଠାକୁରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ସୁଜାତା ରାହାଙ୍କ ଆବାହକତ୍ୱରେ ସଂଗୀତ କାର୍ଯ୍ୟକ୍ରମ ହେବା ସହିତ ମାତୃଭାଷାର ବିକାଶ, ସାମାଜିକ କାର୍ଯ୍ୟକ୍ରମ ପ୍ରମୁଖ ଆଗେଇ ନେବାକୁ କହିଥିଲେ। ସାଧାରଣ ସମ୍ପାଦକ ତପନ କୁମାର ରାହା ବିବରଣୀ ରଖିବା ସହ ସମସ୍ତେ ରାଷ୍ଟ୍ର ପାଇଁ ନିଷ୍ଠା, ସମର୍ପଣ ଭାବ ରଖନ୍ତୁ ବୋଲି ବକ୍ତବ୍ୟ ରଖିଥିଲେ। ଶେଷରେ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ପୂର୍ବତନ ବିଧାୟକ ଗୋପ ନାରାୟଣ ଦାସଙ୍କ ବିୟୋଗରେ ପିସିସି ସଭାପତିଙ୍କ ଶୋକ

ଭୁବନେଶ୍ୱର (ପିଏନ୍)-ବାଲେଶ୍ୱର ସଦର ବିଧାନସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଗୋପନାରାୟଣ ଦାସଙ୍କ ବିୟୋଗରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଶୋକବାର୍ତାରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ସ୍ୱର୍ଗତଃ ଦାସ କଂଗ୍ରେସ ଦଳର ଜଣେ ଟାଣୁଆ ସଂଗଠକ ଥିଲେ। କଂଗ୍ରେସ ଦଳରୁ ବିଧାନସଭାକୁ ନିର୍ବାଚିତ ହୋଇ ବାଲେଶ୍ୱରର ଜନସାଧାରଣଙ୍କର ସମସ୍ୟାକୁ ବିଧାନସଭାରେ ଦୃଢ଼ ଉପସ୍ଥାପନ କରିବା ଏବଂ ତାର ପ୍ରତିକାର କରିବାରେ ସେ କେବେ ଅବହେଳା କରିନାହାନ୍ତି। ନିଜ ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ସର୍ବଦା ଚେଷ୍ଟିତ ଥିଲେ। ସେ ଜଣେ ସ୍ନେହୀ, ପରୋପକାରୀ ଓ ବନ୍ଧୁବତ୍ସଳ ବ୍ୟକ୍ତି ଭାବରେ ସମସ୍ତଙ୍କ ନିକଟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଥିଲେ। ତାଙ୍କ ବିୟୋଗ କଂଗ୍ରେସ ଦଳ ପାଇଁ ଅପୂରଣୀୟ କ୍ଷତି ବୋଲି ଶ୍ରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି। ସ୍ୱର୍ଗତଃ ଆତ୍ମାର ସଦଗତି କାମନା କରିବା ସହ ଶ୍ରୀ ପଟ୍ଟନାୟକ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମୋତ୍ସବ

ଧର୍ମଶାଳା (ପିଏନ୍): ଧର୍ମଶାଳା ସତସଙ୍ଗ କେନ୍ଦ୍ର ପକ୍ଷରୁ ଜାରକାଠାରେ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୫ତମ ଜନ୍ମ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦିବସ ବ୍ୟାପି ବହୁ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ସତସଙ୍ଗ କେନ୍ଦ୍ରର ସଭାପତି ପ୍ରାଧ୍ୟାପକ ରାମଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ତହସିଲଦାର ସ୍ୱାଗତ ଦାସ, ଅତିଥି ଭାବେ ଚଣ୍ଡିଖୋଲ ଆଂଚଳିକ ପରିବହନ ଅଧିକାରୀ ସମ୍ବିତ କୁମାର ଓ ଜିଲ୍ଲାପରିଷଦ ସଭ୍ୟ ଜଳଧର ମହାନ୍ତି ଯୋଗଦେଇ ଠାକୁର ଅନୁକୁଳଚନ୍ଦ୍ରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଜଳବାୟୁ ପରିବର୍ତନ ସମୟରେ ବୃକ୍ଷର ଆବଶ୍ୟକତା ଉପଲବ୍ଧି କରି ଅତିଥିମାନେ ଚାରା ରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ଦୁର୍ଯ୍ୟୋଧନ ମହାନ୍ତି, ରମେଶ ଚନ୍ଦ୍ର ଜେନା, କୁଳମଣି ସାମଲ, ଅଜୟ କୁମାର ନାଥ, ନିଗମ ମହାନା, ସନ୍ତୋଷ ଦାସ ଓ ଦେବେନ୍ଦ୍ର ଜେନା ପ୍ରମୁଖ ଗୁରୁଭାଇମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶେଷରେ ନାରାୟଣ ଚନ୍ଦ୍ର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel (0674) 2556225, 2558884, Fax : 2550504
Email maharishipublicschool@yahoo.com
Web www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

